ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, 2.00
● ବର୍ଷ-୩୧ ● ସଂଖ୍ୟା-୨୭୨ ● ୩୧ ଅକ୍ଟୋବର ୨୦୨୪, ଗୁରୁବାର ● ଭୁବନେଶ୍ୱର ● Vol -31 ● Issue-272 ● 31st October 2024, Thursday ● Bhubaneswar | Licensed to post without pre-payment of postage No- BN-60/22-24

## ବିକଶିତ ଓଡିଶା ଗଠନର ରୂପରେଖ

# ଭିଜନ ଡକ୍ୟୁମେଣ୍ଟ ପାଇଁ ୱେବ୍ ପୋର୍ଟାଲ ଉନ୍ମୋଚିତ



**ଭୁବନେଶ୍ୱର, ୩୦/୧୦**
**ନ୍ୟୁଜ ବ୍ୟୁରୋ**

୨୦୩୬ରେ ଗଠିତ ହେବ ସମୃଦ୍ଧ ଓଡିଶା। ୨୦୪୭ର ବିକଶିତ ଭାରତ ପାଇଁ ଓଡିଶାର ରହିବ ମହତ୍ତ୍ୱପୂର୍ଣ୍ଣ ଅବଦାନ। ଏହି ଲକ୍ଷ୍ୟ ହାସଲ ପାଇଁ ଏକ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନରେ ଏହି ଭିଜନ୍ ଡକ୍ୟୁମେଣ୍ଟ ପାଇଁ ଏକ ୱେବ ପୋର୍ଟାଲ ଉନ୍ମୋଚନ କରି ଜନସାଧାରଣଙ୍କୁ ଏଥିପାଇଁ ସୁଚିନ୍ତିତ ମତାମତ ଦେବା ପାଇଁ ଆହ୍ୱାନ ଦେଇଛନ୍ତି।

ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ଓ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗର ମିଳିତ ପ୍ରଚେଷ୍ଟାରେ *(ପୃଷ୍ଠା ୭ରେ)*

# ଅଙ୍ଗନବାଡିକର୍ମୀଙ୍କୁ ମିଳିବ ୩ୟ ପର୍ଯ୍ୟାୟ ସୁଭଦ୍ରା ଟଙ୍କା

**ଭୁବନେଶ୍ୱର,୩୦।୧୦**
**ନ୍ୟୁଜ ବ୍ୟୁରୋ**





'ସୁଭଦ୍ରା'ର ପ୍ରଥମ କିସ୍ତିର ୩ୟ ପର୍ଯ୍ୟାୟ ଟଙ୍କା ଖୁବଶୀଘ୍ର ହିତାଧିକାରୀଙ୍କୁ ମିଳିବ। ଏହି ପର୍ଯ୍ୟାୟରେ ବାକିଥିବା ଯୋଗ୍ୟ ହିତାଧିକାରୀଙ୍କୁ ଟଙ୍କା ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ତୃତୀୟ ପର୍ଯ୍ୟାୟରେ ଅଙ୍ଗନବାଡି କର୍ମୀଙ୍କୁ ଟଙ୍କା ମିଳିବ। ବାଦ ପଡ଼ିଥିବା ସବୁ ଅଙ୍ଗନବାଡ଼ି କର୍ମୀଙ୍କୁ ତୃତୀୟ ପର୍ଯ୍ୟାୟରେ ମିଳିବ ସୁଭଦ୍ରା ଟଙ୍କା। ଏହି ପର୍ଯ୍ୟାୟରେ କୌଣସି ଯୋଗ୍ୟ ହିତାଧିକାରୀ ବାଦ ପଡ଼ିବେନି। କଟିଯାଇଥିବା ୨ ଲକ୍ଷ ୬୭ ହଜାର ହିତାଧିକାରୀଙ୍କ ଆବେଦନ ଉପରେ ପୁନଃଯାଞ୍ଚ କରାଯିବ। ଏହା ପରେ କେହିବି ଯୋଗ୍ୟ ହିତାଧିକାରୀ ସୁଭଦ୍ରା ଟଙ୍କା ପାଇବାରୁ ବଞ୍ଚିତ ହେବେ ନାହିଁ। ଏଥିପାଇଁ ୧ ତାରିଖରେ ନୋଡ଼ାଲ ଏଜେନ୍ସି ନିଯୁକ୍ତ ହେବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଗତ ସେପ୍ଟେମ୍ବର ୧୭ରେ ରାଜ୍ୟରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହୋଇଥିଲା। ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇ ଏହି ଯୋଜନାର ଶୁଭାରମ୍ଭ କରିଥିଲେ। ସେହିଦିନ ପ୍ରଥମ କିସ୍ତିର ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୨୫ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିଥିଲା। ଏହାପରେ ଦ୍ୱିତୀୟ ପର୍ଯ୍ୟାୟରେ ଅନେକ ହିତାଧିକାରୀଙ୍କୁ ଚଳିତ ମାସ ୯ ତାରିଖରେ ପ୍ରଥମ କିସ୍ତି ଟଙ୍କା ମିଳିଥିଲା। ସେଦିନ ୩୫ ଲକ୍ଷରୁ ଅଧିକ ହିତାଧିକାରୀ ଏହି ଟଙ୍କା ପାଇଥିଲେ। ପ୍ରଥମ ଦୁଇ ପର୍ଯ୍ୟାୟରେ ଏଯାବତ୍ ପ୍ରାୟ ୬୦ ଲକ୍ଷ ମହିଳା ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ଟଙ୍କା ପାଇ ସାରିଲେଣି ବୋଲି ସେ କହିଛନ୍ତି।

**TATA MOTORS**
Light Commercial Vehicles Dealers
24 hours help line :
Sales : 7873770000

**ଶୁଭେଚ୍ଛା**

ପବିତ୍ର ଦୀପାବଳି ଅବସରରେ 'ସମ୍ବାଦ କଳିକା'ର ପାଠକ-ପାଠିକା, ଶୁଭେଚ୍ଛୁ ଓ ବିଜ୍ଞାପନଦାତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।

ପରିଚାଳକ

**ଛୁଟି ଘୋଷଣା**

ପବିତ୍ର ଦୀପାବଳି ଅବସରରେ 'ସମ୍ବାଦ କଳିକା'ର କାର୍ଯ୍ୟାଳୟ ତା ୩୧.୧୦.୨୦୨୪ ରିଖ ଦିନ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୦୧.୧୧.୨୦୨୪ ସନ୍ଧ୍ୟାରେ ପ୍ରକାଶ ପାଇବ ।

ପରିଚାଳକ

# ନଭେମ୍ବର ୨୬ରୁ ଶୀତକାଳୀନ ଅଧିବେଶନ



**ଭୁବନେଶ୍ୱର, ୩୦/୧୦**
**ନ୍ୟୁଜ ବ୍ୟୁରୋ**

ଆସନ୍ତା ୨୬ ତାରିଖରୁ ଓଡ଼ିଶା ବିଧାନସଭାର ଶୀତକାଳିନ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏହି ଅଧିବେଶନ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ନିର୍ଦ୍ଧାରିତ ହୋଇଛି। ଏନେଇ ବିଧାନସଭା ସଚିବାଳୟ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଅଧିବେଶନ କାଳରେ ମୋଟ୍ ୩୦ଟି କାର୍ଯ୍ୟ ଦିବସ ରହିଛି। ପ୍ରଥମ ଦିନରେ ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତ ଆର୍ଥିକ ବର୍ଷ ପାଇଁ ପ୍ରଥମ ଅତିରିକ୍ତ ଖର୍ଚ୍ଚଦାବି ଉପସ୍ଥାପନ କରିବେ। ଏହି ଅଧିବେଶନ କାଳରେ ୫ଟି ବେସରକାରୀ କାର୍ଯ୍ୟଦିବସ ରହିଥିବା ବେଳେ ଅବଶିଷ୍ଟ ୨୫ଦିନ ସରକାରୀ କାର୍ଯ୍ୟ ଦିବସ ଭାବେ ନିର୍ଦ୍ଧାରିତ ହୋଇଛି। ସୂଚନାଯୋଗ୍ୟ, ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଗଠିତ ରାଜ୍ୟ ବିଜେପି ସରକାରଙ୍କ ପ୍ରଥମ ବିଧାନସଭା ଅଧିବେଶନ ଅର୍ଥାତ୍ ସପ୍ତଦଶ ବିଧାନସଭା ଅଧିବେଶନ ଜୁଲାଇ ୨୨ ତାରିଖରୁ ଆରମ୍ଭ ହୋଇ ଗତ ସେପ୍ଟେମ୍ବର ୧୧ ତାରିଖରେ ଶେଷ ହୋଇଥିଲା। ପ୍ରଥମ ଥର ପାଇଁ ବିଜେଡି ବିରୋଧୀ ଦଳ ଆସନରେ ବସିଥିଲା। ୨୪ ବର୍ଷ ଧରି ମୁଖ୍ୟମନ୍ତ୍ରୀ ଆସନରେ ବସିଥିବା ନବୀନ ପଟ୍ଟନାୟକ ଏଥର ବିରୋଧୀ ଦଳ ନେତାଙ୍କ ଆସନରେ ବସିଥିଲେ। ସେହିପରି ଗତ ବିଧାନସଭାରେ ବିରୋଧୀ ଦଳ ମୁଖ୍ୟ ସଚେତକ ଆସନରେ ବସିଥିବା ମୋହନ ଚରଣ ମାଝୀ ଏଥର ମୁଖ୍ୟମନ୍ତ୍ରୀଙ୍କ ଆସନରେ ବସିଥିଲେ।

# ସରୋଜିନୀ ସାହୁ ପାଇଲେ ୪୫ତମ ଶାରଳା ପୁରସ୍କାର

## ତାନ୍‌ସେନ୍ ସିଂ ଓ ସୁଦର୍ଶନ ସାହୁଙ୍କୁ କଳା ସମ୍ମାନ



**ଭୁବନେଶ୍ୱର, ୩୦/୧୦**
**ନ୍ୟୁଜ ବ୍ୟୁରୋ**

ଶ୍ରେଷ୍ଠ ସାହିତ୍ୟ କୃତି ପାଇଁ ପ୍ରତି ବର୍ଷ ଇଣ୍ଡିଆନ୍ ମେଟାଲ୍‌ସ ପବ୍ଲିକ୍ ଚାରିଟେବୁଲ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ ପ୍ରଦାନ କରାଯାଉଥିବା ମର୍ଯ୍ୟାଦାଜନକ 'ଶାରଳା ପୁରସ୍କାର' ଚଳିତ ବର୍ଷ ସୁଖ୍ୟାତ କଥାକାର ଡ. ସରୋଜିନୀ ସାହୁଙ୍କୁ ପ୍ରଦାନ କରାଯାଇଛି। ବୁଧବାର ସନ୍ଧ୍ୟାରେ ସ୍ଥାନୀୟ କ୍ରାଉନ୍ ହୋଟେଲରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ କବି ଓ କଥାକାର ଦେବଦାସ ଛୋଟରାୟ ଡ. ସାହୁଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଉପନ୍ୟାସ 'ଅସ୍ଥିର ପାଦ' ପାଇଁ ପ୍ରାପ୍ତ ଏହି ପୁରସ୍କାର ବାବଦରେ ଲେଖିକାଙ୍କୁ ତାମ୍ରଫଳକ, ଉପାୟନ ସହିତ ସାତଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି। ଏଥିସହିତ କଳା କ୍ଷେତ୍ରରେ ଜୀବନବ୍ୟାପି ସାଧନା ପାଇଁ ବର୍ଷିୟାନ୍ ସ୍ଥପତି ସୁଦର୍ଶନ ସାହୁ ଏବଂ ଲୋକପ୍ରିୟ କଣ୍ଠଶିଳ୍ପୀ ତାନ୍‌ସେନ୍ ସିଂଙ୍କୁ ଅଢ଼େଇଲକ୍ଷ ଟଙ୍କା ଲେଖାଏଁ ଅର୍ଥରାଶି ଓ ତାମ୍ରଫଳକ ସହ 'ଇଲା-ବଂଶୀଧର ପଣ୍ଡା କଳାସମ୍ମାନ' ପ୍ରଦାନ କରାଯାଇଛି। ଉତ୍ସବରେ ଅଧକ୍ଷତା କରି ଇମ୍ପାକ୍ଟର ଟ୍ରଷ୍ଟି ପାରମିତା ପଣ୍ଡା କହିଥିଲେ ଯେ ଜଣେ ଯୋଗ୍ୟ ଲେଖକ କିମ୍ବା କଳାକାର ଅର୍ଥାଭାବ ଯୋଗୁଁ *(ପୃଷ୍ଠା ୭ରେ)*

DADLS-44



ସତ୍ୟମେବ ଜୟତେ

**ପବିତ୍ର ଦୀପାବଳି – ୨୦୨୪ ଉପଲକ୍ଷେ**
**ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ଦୀପାବଳି ପର୍ବ ଆମ ସମୃଦ୍ଧ ସାଂସ୍କୃତିକ ଅସ୍ମିତା ଓ ଆଧ୍ୟାତ୍ମିକତାର ପ୍ରମୁଖ ଅଂଶ ଓ ଅଙ୍ଗ । ଐତିହ୍ୟର ଆବାହନ ଓ ଭବିଷ୍ୟତର ପଥ ନିର୍ମାଣର ମହାନ ଅବସର ।

ଆଲୋକର ପର୍ବ ପବିତ୍ର ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ରଘୁବର ଦାସ)

ଓଡ଼ିଶା ସରକାର



**ପବିତ୍ର ଦୀପାବଳି ଅବସରରେ**
**ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ଆଲୋକ ଓ ଆନନ୍ଦର ପର୍ବ ଦୀପାବଳି ଅବସରରେ ଓଡ଼ିଶାର ସମସ୍ତ ଭାଇଭଉଣୀମାନଙ୍କୁ ମୋର ଅଭିନନ୍ଦନ । ସମସ୍ତଙ୍କ ଜୀବନରେ ଅଜ୍ଞାନ ଓ ଦୁଃଖର ଅନ୍ଧକାର ଦୂର ହୋଇ ଜ୍ଞାନ ଓ ସମୃଦ୍ଧିର ଆଲୋକ ବିଚ୍ଛୁରିତ ହେଉ ।

ଆମର ଅଭିଳଷିତ ବିକଶିତ ଓଡ଼ିଶା ଗଠନ ପାଇଁ ଆସନ୍ତୁ, ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ଏବଂ ଓଡ଼ିଶାର ଗୌରବକୁ ନୂତନ ଶିଖରରେ ପହଞ୍ଚାଇବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ,ଓଡ଼ିଶା

OIPR : 15001/13/0251/2425

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର,୩୧ ଅକ୍ଟୋବର,ଗୁରୁବାର, ୨୦୨୪





# ପ୍ରଥମ ଥର ପାଇଁ ବାରିପଦାରେ ହେବ ମହାଭାରତର ଜ୍ଞାନତତ୍ତ୍ୱ ପ୍ରବଚନ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଚିନ୍ମୟ ମିଶନ ଆନୁକୂଲ୍ୟରେ ଆସନ୍ତା ନଭେମ୍ବର ୧୪ ରୁ ୨୦ ତାରିଖ ପ୍ରଯ୍ୟନ୍ତ ବାରୁଣୀ ରୋଡ଼ ମଧୁବନ ଠାରେ ବାରିପଦାରେ ପ୍ରଥମ ଥର ମହାଭାରତ ଜ୍ଞାନ ଯଜ୍ଞ ଅନୁଷ୍ଠିତ ହେବ। ସେଥିପାଇଁ ସ୍ଥାନୀୟ ମଧୁବନ ସ୍ଥିତ ଚିନ୍ମୟ ଗୁରୁପାଦ ଆଶ୍ରମ ଠାରେ ସ୍ୱାମୀ ଗୋବିନ୍ଦାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତା ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚିନ୍ମୟ ମିଶନ ନୋଇଡା, ଉତ୍ତର ପ୍ରଦେଶର ଆଚାର୍ଯ୍ୟ ସ୍ୱାମୀ ଚିଦ୍ରୂପାନନ୍ଦ ସରସ୍ୱତୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରତି ଦିନ ସନ୍ଧ୍ୟା ୬.୩୦ରୁ ୭ ଟାରେ ମହାଭାରତର ଶାନ୍ତି ପର୍ବ ବିଷୟରେ ଓ ସକାଳ ୭ଟାରୁ ୮ ହିନ୍ଦୀରେ ହସ୍ତମଳକ ସ୍ତୋତ୍ର ବିଷୟରେ ପ୍ରବଚନ ଦେବା ସହିତ ବିଭିନ୍ନ ମହାବିଦ୍ୟାଳୟ, ଭେଷଜ ମହାବିଦ୍ୟାଳୟ, ବିଶ୍ୱ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେବେ। ବାରିପଦା କାର୍ଯ୍ୟକ୍ରମ ପରେ ପୁରୀ ଗଜପତି ଦିବ୍ୟସିଂହ ଦେବଙ୍କ ସହିତ ଜଗନ୍ନାଥ ମନ୍ଦିର ଦର୍ଶନ କରିବାର କାର୍ଯ୍ୟକ୍ରମ ଅଛି ବୋଲି ସମ୍ପାଦକ ଅଜିତ ବେହେରା ସୂଚନା ପ୍ରଦାନ କରିଥିଲେ।

ସ୍ୱାମୀ ଚିଦ୍ରୂପାନନ୍ଦଜୀ ସ୍ୱନ୍ୟାସ ଦୀକ୍ଷା ନେବାପରେ ଯୁବସମାଜକୁ ମାର୍ଗ ଦର୍ଶନ କରାଇବା ପାଇଁ ଦେଶ ବିଦେଶରେ ବିଭିନ୍ନ ପ୍ରାନ୍ତ ବୁଲି ବୁଲି ବିଭିନ୍ନ ବୟସର ଛାତ୍ରଛାତ୍ରୀ, ଶିକ୍ଷକ ସମାଜ, ଚିକିତ୍ସିକ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ଜାତୀୟ ଅନ୍ତର୍ଜାତୀୟ କମ୍ପାନୀର କର୍ମଚାରୀ ମହଲରେ ହୃଦୟସ୍ପର୍ଶୀ ଓ ଓଜସିନୀ ଉଦ୍‌ବୋଧନ ମାଧ୍ୟମରେ ବ୍ୟବସ୍ଥାପନ ସମ୍ବନ୍ଧୀୟ ଆଲୋଚନା କରି ସମସ୍ତଙ୍କ ହୃଦୟରେ ସ୍ଥାନ ଅଧିକାର କରି ପାରିଛନ୍ତି। ସେ ଜଣେ ହିନ୍ଦୀ, ଇଂରାଜୀ, ତେଲୁଗୁ, ମାଲାଲାୟମ୍, ମରାଠୀ ଭାଷାର ସୁବକ୍ତା। ଏହି ବୈଠକରେ ବରିଷ୍ଠ ଆଇନଜୀବୀ ସତ୍ୟବ୍ରତ ମହାନ୍ତି, ଅବସରପ୍ରାପ୍ତ ଆୟକର ଅଧିକାରୀ ତପନ ପଟ୍ଟନାୟକ, ସମାଜସେବୀ ନିରୋଜ ପୁଥାଳ, ଶିକ୍ଷାବିତ ହୃଦାନନ୍ଦ ଆଚାର୍ଯ୍ୟ, ପ୍ରଦୀପ ମହାନ୍ତି, ଶକୁନ୍ତଳା ପାଲ, ସତ୍ୟଜିତ ପାଲ, ଶ୍ରୀଧର ପରିଡ଼ା, ସମ୍ପଦ ଦାସ, ବିବେକାନନ୍ଦ ଦାସ, ସୁରତିବଳା ଦାସ, ସବ୍ୟସାଚୀ ପଲେଇ, ପ୍ରଦୀପ ଭଞ୍ଜଦେଓ, ଭାସ୍ୱତୀ ପଣ୍ଡା, ରାଜଲକ୍ଷ୍ମୀ ମିଶ୍ର, ରାଜାରାମ ମାରାଣ୍ଡି, ଜୟପ୍ରକାଶ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଦାୟିତ୍ୱ ଗ୍ରହଣ କରିଥିଲେ।

# ରାଜ୍ୟ ସ୍ତରୀୟ ପରବ-୨୦୨୪ ଉଦ୍‌ଘାଟିତ



**ସେମିଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

କୋରାପୁଟ ଜିଲ୍ଲା ସେମିଲିଗୁଡ଼ା ବ୍ଲକ ଦୁଧାରୀ ପଞ୍ଚାୟତ ସଦର ମହକୁମାର ମା' ମାଉଲି ମନ୍ଦିର ଠାରୁ ପୂଜାର୍ଚ୍ଚନା କରି ଆଦବାସୀ ଜନଜାତି କଳା ସଂସ୍କୃତି ଲୋକ ନୃତ୍ୟ ପରମ୍ପରା ପରବ ଶୁଭାରମ୍ଭ ହୋଇଯାଇଛି। ଜାତି ଧର୍ମ ନିର୍ବିଶେଷରେ ଏକାଠି ହେଲେ ରାଜନେତା ଓ ସ୍ଥାନୀୟ ବିଧାୟକମାନେ। ସ୍ଥାନୀୟ ବିଧାୟକ ରାମଚନ୍ଦ୍ର କାଡ଼ାମଙ୍କ ଦ୍ୱାରା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲ୍କା ନିମନ୍ତ୍ରିତ ଅତିଥି, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାନ୍ତା, କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା, ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି, କୋରାପୁଟ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ, ଆରକ୍ଷୀ ଅଧୀକ୍ଷକ, ଚଉଦ ଗୋଟି ବ୍ଲକ୍‌ର ବ୍ଲକ୍ ପ୍ରଶାସନ ଓ ସମସ୍ତ ଜିଲ୍ଲାପରିଷଦ, ବ୍ଲକ୍ ଅଧକ୍ଷା, ସମସ୍ତ ସରପଞ୍ଚ, ସମିତି ମେମ୍ବର, ପୋଲିସ ପ୍ରଶାସନ ଉପସ୍ଥିତ ରହି କୋରାପୁଟିଆ ରାଜ୍ୟ ସ୍ତରୀୟ ପରବ ମହୋତ୍ସବ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଙ୍କ ଦ୍ୱାରା ମଶାଲ ଜଳାଇବା ସହ, ପରବ ନାମଫଳକ ଏବଂ ପରବ କ୍ୟାଲେଣ୍ଡରକୁ ମଞ୍ଚ ଉପରେ ଉନ୍ମୋଚିତ କରିଥିଲେ। ପରେ ପେଣ୍ଡାଲରେ କୋରାପୁଟିଆ ପରବ ଡେମେସା ନାଚ ସହ ସାଂସ୍କୃତିକ ନାଚରେ ଅଞ୍ଚଳବାସୀ ନାଚି ମଜା ଉଠାଇଥିଲେ।

# ପ୍ରତ୍ୟେକ ଚାଷୀଙ୍କୁ ୧୦ କେଜି ଡାଲି ଜାତୀୟ ବିହନ ଦେବାକୁ ଦାବି

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ମହିଳା ଲୋକ ବିକାଶ ମଞ୍ଚ ଓ ଲୋକ ବିକାଶ ମଞ୍ଚ କୋରାପୁଟ ତରଫରୁ କୋରାପୁଟ ଜିଲାପାଳ ଭି କିର୍ତ୍ତିଭାସନଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି । ଜୟପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, କୋରାପୁଟ ଜିଲାର ପ୍ରାୟ ଅଧିକାଂଶ ଚାଷୀ ଖରିଫ ଋତୁରେ ଧାନ ଫସଲ ପରେ ବିହନ ଓ ସଚେତନତା ଅଭାବରୁ ଦ୍ୱିତୀୟ ଫସଲ ଭାବେ କୌଣସି ଚାଷ କରନ୍ତି ନାହିଁ। ଜମି ପଡ଼ିଆ ରହୁଛି । ଉକ୍ତ ଚାଷି ମାନଙ୍କୁ ଚାଷ ପ୍ରତି ୧୦ କେଜି ଡାଲି ଜାତୀୟ ବିହନ ତୁରନ୍ତ ଯୋଗାଇ ଦିଆଗଲେ ଚାଷୀମାନେ ଅଣ ଜଳସେଚିତ ଜମିରେ ଧାନ ପରବର୍ତ୍ତୀ ସମୟରେ ଚାଷ କରି ନିଜ ପରିବାରର ପୁଷ୍ଟିଯୁକ୍ତ ଖାଦ୍ୟ ଆବଶ୍ୟକତା ପୁରଣ କରିବା ସଙ୍ଗେ ସଙ୍ଗେ ଅର୍ଥ ରୋଜଗାର କରି ପାରନ୍ତେ ଓ ଆସନ୍ତା ବର୍ଷର ଚାଷ ପାଇଁ ବିହନ ରଖି ପାରିଥାନ୍ତେ ବୋଲି ବିଦୁ ଭୁଷଣ ମହାପାତ୍ର, ଅର୍ଜୁନ ଶୁକ୍ରି, ଚନ୍ଦ୍ର ପୁଜାରି ପ୍ରମୁଖ ଦାବି କରିଛନ୍ତି ।

# ବଳଦକୁ ଝାମ୍ପି ନେଲା ବାଘ : ଗାଁ ଲୋକେ ଆତଙ୍କିତ



**ଗଜପତି, ନ୍ୟୁଜ୍‌ବ୍ୟୁରୋ**

ରାତିର ଅନ୍ଧକାରରେ ଖୁଣ୍ଟରେ ବନ୍ଧା ହୋଇଥିବା ବଳଦକୁ ଝାମ୍ପି ନେଲା ବାଘ। ଏପରି ଘଟଣା ଗଜପତି ଜିଲ୍ଲା ଚନ୍ଦ୍ରଗିରି ବନାଞ୍ଚଳରେ ଦେଖିବାକୁ ମିଳିଛି। ଏହି ଖବର ପ୍ରଚାରିତ ହେବା ପରେ ଗାଁରେ ଭୟର ବାତାବରଣ ଖେଳି ଯାଇଛି। ବନ ବିଭାଗ ଗାଁରେ ପହଞ୍ଚି ବାଘର ପରଦ ଚିହ୍ନକୁ ସଂଗ୍ରହ କରିଛି। ଏଥିସହ ବାଘର ଗତିବିଧି ଉପରେ ନଜର ରଖିଛି।

ଢେପାଗୁଡ଼ା ପଞ୍ଚାୟତ କୃଷ୍ଣପୁର ଗାଁର ଆଦିକନ୍ଦ ଶବର ନିଜର ବଳଦକୁ ମକା ବାଡ଼ରେ ବାନ୍ଧି ଥିଲେ। ରବିବାର ରାତି ପ୍ରାୟ ୯ଟା ବେଳେ ବାଘ ଆସି ବଦଳକୁ ଟାଣି ନେଇଥିଲେ। ମକା ବାଡି ଭିତରେ ବଳଦକୁ ଝୁଣି ପକାଇଥିଲା। ବଳଦର ଚିତ୍କାର ଶୁଣି ଆଦିକନ୍ଦ ଓ ଗାଁ ମକା କିଆରି ପାଖକୁ ଧାଇଁ ଆସିଥିଲେ। ସେତେବେଳେ ବାଘଟି ପଳାଇ ଯାଇଥିଲା। ଏହି ଖବର ପ୍ରଚାରିତ ହେବାପରେ ଗାଁରେ ଭୟର ବାତାବରଣ ଖେଳି ଯାଇଥିଲେ। ଗାଁରେ ଏକ ପ୍ରକାର ତାଟି କବାଟ ପଡ଼ିଯାଇଥିଲା।

ସକାଳେ ବନ ବିଭାଗର କର୍ମଚାରୀମାନେ ଗାଁରେ ପହଞ୍ଚିଥିଲେ। ବାଘର ପଦ ଚିହ୍ନର ସ୍କେଚ୍ ତିଆରି କରିଛି ବନ ବିଭାଗ। ଏଥିସହ ବଳଦର ମୃତଦେହ ପାଖରେ ପଡ଼ିଥିବା ପାଦ ଚିହ୍ନକୁ ମଧ୍ୟ ଅନୁଧ୍ୟାନ କରିଛନ୍ତି। ସୁରକ୍ଷା ଦୃଷ୍ଟିରେ କୃଷ୍ଣପୁର ଓ ଆଖପାଖ ଗାଁରେ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଉଛି। ଗାଁ ଲୋକଙ୍କୁ ସଚେତନତା କରାଯାଉଛି। ବଳଦକୁ ଯଦି ବାଘ ମାରିଥିବ, ତାହାହେଲେ କ୍ଷତିପୂରଣ ଦେବା ପାଇଁ ବ୍ୟବସ୍ଥା କରାଯିବ ବୋଲି ବନ ବିଭାଗ କହିଛି।

# ନଡ଼ିଆ ବାଣ ଭିଡୁ ଥିବାବେଳେ ବିସ୍ଫୋରଣ : ବୃଦ୍ଧ ଗୁରୁତର

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ତାରାସିଙ୍ଗି ଥାନା ଲେମ୍ବେଇ ଗାଁରେ ବାଣ ଫୁଟି ବିସ୍ଫୋରଣ ହୋଇ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ଗୁରୁତର ବୃଦ୍ଧଜଣକ ହେଲେ ଲେମ୍ବେଇ ଗାଁର ଶଙ୍କର ପାତ୍ର। ସେ ଦୀପାବଳି ପାଇଁ ବାଣ ତିଆରି କରିବା ସହ ବଜାରରୁ ବାଣ କିଣି ଆଣି ଗାଁରେ ବିକ୍ରି କରୁଥିଲେ। ସେ ଏକ ନଡ଼ିଆ ବାଣ ଭିଡୁ ଥିବାବେଳେ ବିସ୍ଫୋରଣ ହୋଇଥିଲା। ଶଙ୍କରଙ୍କ ଦୁଇ ହାତରେ ଗଭୀର ଆଘାତ ଲାଗିବାରୁ ସେ ଗୁରୁତର ହୋଇଥିଲେ। ପଡ଼ୋଶୀମାନେ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଶଙ୍କରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଭଞ୍ଜନଗର ମେଡ଼ିକାଲରେ ଆଣି ଭର୍ତ୍ତି କରିଥିଲେ। ଶଙ୍କରଙ୍କ ପରିବାର ଲୋକେ ଘରେ କେହି ନଥିବା ଜଣାଯାଇଛି।

# ଦୁଇ ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍ ଓ ଜରିମାନା

**ଧର୍ମଗଡ଼, ନ୍ୟୁଜ୍‌ବ୍ୟୁରୋ**



ଦୁଇ ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍ ଓ ଜରିମାନା କରାଯାଇଛି। ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ। ଧର୍ମଗଡ଼ ଏଡିଜେ ଏହି ରାୟ ଶୁଣାଇଛନ୍ତି।

୨୦୧୫ ମସିହାରେ କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଆମଯୋର ଗାଁରେ ମନୁ ରଣାଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଥିଲା। ବିଚ୍ ରାସ୍ତାରେ ମନୁଙ୍କ ତଣ୍ଟି ଚିପି ହତ୍ୟା କରାଯାଇଥିଲା। ପରେ ମୃତଦେହକୁ ଶିଶୁଘାଟି ଡଙ୍ଗରରେ ଫିଙ୍ଗି ଦେଇଥିଲେ। ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ଖଗେଶ୍ୱର ରାଉତ ଓ ଗଦାଧର ରଣାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ରାୟ ପ୍ରକାଶ ପାଇଛି। ଧର୍ମଗଡ଼ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ ମାମଲାକୁ ବିଚାର କରି ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସାକ୍ଷୀ ଓ ତଥ୍ୟ ପ୍ରମାଣ ଆଧାରରେ ଦୁଇ ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି। ଏଥିସହ ଜଣକା ୧୦ ହଜାର ଟଙ୍କା ଲେଖାଏଁ ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଆହୁରି ୬ ମାସ ଦଣ୍ଡାଦେଶ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ରାୟରେ ଶୁଣାଇଛନ୍ତି।

# ଆରଏସପିରୁ ମିଳିଲା କର୍ମଚାରୀଙ୍କ ମୁଣ୍ଡ ଗଣ୍ଡି ଅଲଗା ଶବ

**ରାଉରକେଲା, ନ୍ୟୁଜ୍‌ବ୍ୟୁରୋ**

ରାଉରକେଲା ଇସ୍ପାତ କାରଖାନା (ଆରଏସପି)ରୁ ଜଣେ ନିୟମିତ କର୍ମଚାରୀଙ୍କ ମୁଣ୍ଡ ଗଣ୍ଡି ଅଲଗା ଶବ ମିଳିଛି। ସେ ହେଲେ ବାସୁଦେବ ପ୍ରଧାନ। ସେ ବିଦ୍ୟୁତ ବିଭାଗରେ କାମ କରୁଥିଲେ। କାରଖାନାର ରେଳ ଲାଇନ ଉପରୁ ତାଙ୍କର ମୃତଦେହ ମିଳିଛି। ତେବେ ଏହା ହତ୍ୟା ନା ଦୁର୍ଘଟଣା ତାହା ଜଣାପଡ଼ି ନାହିଁ। କାରଖାନାରେ ଶ୍ରମିକ ନିର୍ବାଚନ ଚାଲିଥିବା ବେଳେ ଜଣେ ଶ୍ରମିକର ଏଭଳି ମୃତ୍ୟୁ ନାନା ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି, ତଦନ୍ତ ଜାରି ରହିଛି।

# ଜୟପୁରରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା, କୋରାପୁଟ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଅଙ୍କିତ ବର୍ମା, ଉପଜିଲ୍ଲାପାଳ ଜୟପୁର କୁମାରି ଅକାବରମ ଶସ୍ୟା ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅଭିଯୋଗ ଶୁଣାଣିରେ ୮ ଗୋଟି ଗୋଷ୍ଠିଗତ ଓ ୨୨ ଗୋଟି ବ୍ୟକ୍ତିଗତ ସମୁଦାୟ ୩୦ ଗୋଟି ଅଭିଯୋଗ ଶୁଣାଣି ହୋଇଥିଲା । ଜମିବାଡି ବିବାଦ, ପାନୀୟ ଜଳ ସମସ୍ୟା, ସ୍ୱାସ୍ଥ୍ୟଗତ ସମସ୍ୟା, ଜମି ବିବାଦ, ରାସ୍ତାଗତ ସମସ୍ୟା ଓ ଶିକ୍ଷାଗତ ଓ ବଦଳି ସମସ୍ୟା ଇତ୍ୟାଦି ବିଷୟରେ ଆଜି ଅଭିଯୋଗ ଶୁଣାଣି କରିଥିଲେ। ଏହି କ୍ରମରେ ଅନ୍ୟାନ୍ୟ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ଅଧିକାରୀ, ଜୟପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶକ୍ତି ମହାପାତ୍ର, ତହସିଲଦାର ଜୟପୁର, ସବ୍ୟସାଚୀ ଜେନା, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପୌରପାଳିକା କୃତିବାସ ସାହୁ, ଜିଲା ପଞ୍ଚାୟତ ଅଧିକାରୀ ଯୁଗଳ କିଶୋର ନାୟକ, ପିଡି ଡ୍ରୁଡା ଦେବୀ ପ୍ରସାଦ ତାଳି, ସିଏସଓ, କୋରାପୁଟ ସର୍ବେଶ୍ୱର ନାୟକ, ଡିସିପିଓ, କୋରାପୁଟ, ଇଇ ଆର ଆଣ୍ଡ ବି ଶିରଧର ଖଣ୍ଡପାଣି, ଜୟପୁର, ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦନ ନାୟକ, ଜୟପୁର, ଟିପିଏସଓଡିଏଲର କର୍ମକର୍ତ୍ତା, ବିଦ୍ୟୁତ ବିଭାଗର କର୍ମକର୍ତ୍ତା, ଅତିରିକ୍ତ ଜିଲ୍ଲା ଖାଉଟି ଓ ଯୋଗାଣ ଅଧିକାରୀ ସୁନିଲ କୁମାର ଜେନା, ଜୟପୁର, ବିଏସଏସଓ, ଜୟପୁର ଓ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଅଲୋଡ଼ା ହେଲା ଶିଶୁକନ୍ୟା : ପୋଖରୀ କୂଳରେ ବ୍ୟାଗ୍ ଭିତରୁ ଉଦ୍ଧାର

**ପାଟଣା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଖିରେଇଟାଙ୍ଗିରୀ ଶିଶୁ ବିଦ୍ୟାମନ୍ଦିର ପଛ ପଟରେ ଥିବା ଏକ ପୋଖରୀ କୂଳରେ ବ୍ୟାଗ୍ ଭିତରୁ ଏକ ଶିଶୁକନ୍ୟାକୁ ଉଦ୍ଧାର କରାଯାଇଛି। ଶିଶୁକୁ ଅତି ନିର୍ମମ ଭାବରେ କେହି ବ୍ୟାଗ୍ ଭିତରେ ପୂରାଇ ବ୍ୟାଗ୍‌ର ଚେନ୍ ଲଗାଇ ସେଠାରେ ଛାଡ଼ି ଚାଲିଯାଇଥିଲେ। ଗ୍ରାମର ଡାଳିମ୍ବ ମୁଣ୍ଡା ପୋଖରୀକୁ ଯାଉଥିବା ସମୟରେ ଛୁଆର କ୍ରନ୍ଦନ ଶୁଣି ବ୍ୟାଗ୍ ଖୋଲିବା ପରେ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ତୁରୁମୁଙ୍ଗା ପୋଲିସ ପହଞ୍ଚି ଶିଶୁକନ୍ୟାକୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛି। ଶିଶୁକନ୍ୟାଟି ୪ରୁ ୫ ଦିନର ହୋଇଥିବା ସୂଚନା ମିଳିଥିବା ବେଳେ ଶିଶୁର ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିବା ଡାକ୍ତର ଓ ପୋଲିସ କହିଛନ୍ତି। ଶିଶୁକନ୍ୟାଟିର ମା' ବାପା କିଏ ଜଣା ପଡ଼ି ନ ଥିବାବେଳେ ଏନେଇ ସ୍ଥାନୀୟ ଅଞ୍ଚଳରେ ନାନା ଚର୍ଚ୍ଚା ହେଉଛି। କେହି କୁମାରୀ ମାତୃତ୍ୱକୁ ଲୁଚାଇବାକୁ ଏଭଳି ଉଦ୍ୟମ କରିଥିବା କହୁଥିବା ବେଳେ କୌଣସି ଦମ୍ପତିଙ୍କର ବାରମ୍ବାର କନ୍ୟା ସନ୍ତାନ ଜନ୍ମ ହେବାରୁ ଏଭଳି କରିଥିବା ନେଇ ଚର୍ଚ୍ଚା ହେଉଛି। ତେବେ ଘଟଣାର ସତ୍ୟାସତ୍ୟ ଜଣାପଡ଼ି ନାହିଁ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉପଲକ୍ଷେ ରାଲି ଓ ଶପଥ ପାଠ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ମାଲକାନଗିରି ମହାବିଦ୍ୟାଳୟରେ ଭିଜିଲାନ୍ସ ସଚେତନତା ସପ୍ତାହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ମହାବିଦ୍ୟାଳୟ ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର ଯୋଗଦାନ କରି ଏକ ବିଶାଳ ରାଲିକୁ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟ ଜାତୀୟ ସେବା ସଂସ୍ଥା ଉଭୟ ଛାତ୍ର ଛାତ୍ରୀ ବିଭାଗ ଏବଂ ସମର ଶିକ୍ଷାର୍ଥୀ ବାହିନୀ ଆନୁକୂଲ୍ୟରେ, ମହାବିଦ୍ୟାଳୟ ରେଡ୍‌କ୍ରସ ସଂଯୋଜକ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ପରିଚାଳନା କରିଥିଲେ।

ଏହି ସଭାରେ ୧୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏବଂ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ରହି ଶପଥ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମର ମୂଳ ପୃଷ୍ଠଭୂମି 'ଜାତିର ସମୃଦ୍ଧି ପାଇଁ ଏକ ସତ୍ୟନିଷ୍ଠ ସଂସ୍କୃତି' ଉପରେ ଏକ ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା।

# ଖାଦ୍ୟ ଅନ୍ୱେଷଣରେ ଆସିଥିଲେ : କୂଅରେ ପଡ଼ିଗଲେ ୨୮ ବାର୍‌ହା



**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

ଖାଦ୍ୟ ଅନ୍ୱେଷଣରେ ଆସି ପରିତ୍ୟକ୍ତ କୂଅରେ ପଡ଼ିଗଲେ ପ୍ରାୟ ୨୮ ବାର୍‌ହା। ରାତିରେ ବାର୍‌ହାମାନେ କୂଅରେ ପଡ଼ିଥିବା ବେଳେ ଘଟଣାସ୍ଥଳରେ ପହଞ୍ଚିଛି ବନ ବିଭାଗ। ଏପରି ଏକ ଅଭାବନୀୟ ଘଟଣା କେନ୍ଦୁଝର ସଦର ରେଞ୍ଜ ଭଗାମୁଣ୍ଡା ଗାଁର ଘଟିଛି। ବାରହାମାନେ ଜମିରୁ ଫସଲ ଖାଇବାକୁ ରାତିରେ ଭଗାମୁଣ୍ଡା ଗାଁମୁହାଁ ହୋଇଥିଲେ। ମାତ୍ର ହଠାତ୍ ସେମାନେ ବିଲ ମଝିରେ ଥିବା ଏକ ପରିତ୍ୟକ୍ତ କୂଅରେ ପଡ଼ି ଯାଇଥିଲେ।

ସକାଳେ ଏହା ଦେଖି ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିବା ପରେ ବାର୍‌ହାମାନଙ୍କୁ ଉଦ୍ଧାର ନିମନ୍ତେ ଯୁଦ୍ଧକାଳୀନ ଭିତ୍ତିରେ କାମ ଆରମ୍ଭ ହୋଇଥିଲା। ଏକ ଜେସିବି ସହାୟତାରେ କୂଅ ନିକଟରୁ ରାସ୍ତା ତିଆରି ହୋଇଥିଲା। ଉକ୍ତ ରାସ୍ତା ଦେଇ ବାର୍‌ହାମାନେ ଜଙ୍ଗଲକୁ ଚାଲିଯିବେ ବୋଲି ବନ ଅଧିକାରୀ କହିଥିଲେ। ମାତ୍ର ଘଟଣାସ୍ଥଳରେ ବହୁ ଲୋକ ରୁଣ୍ଡ ହୋଇଥିବାରୁ ସେମାନଙ୍କୁ ଘଉଡ଼ାଇବାକୁ ବନ ବିଭାଗକୁ ନାକେଦମ୍ ହେବାକୁ ପଡ଼ିଥିଲା। କାରଣ କୂଅ ଭିତରେ ଦୀର୍ଘ ସମୟ ହେଲା ପଡ଼ି ଯାଇଥିବା ବାର୍‌ହାମାନେ ହିଂସ୍ର ହୋଇଯିବାରୁ ଲୋକଙ୍କୁ ଆକ୍ରମଣ କରିବାର ଆଶଙ୍କା ସୃଷ୍ଟି ହୋଇଥିଲା।

# ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନସ୍ତରୀୟ ପ୍ରାଥମିକ ଚିକିତ୍ସା, ସନ୍ଧାନ ଓ ଉଦ୍ଧାର ପ୍ରତିଯୋଗିତା

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**



ଆପଦ ମିତ୍ର ସ୍ୱେଚ୍ଛାସେବୀ ମାନଙ୍କର ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନ ସ୍ତରୀୟ ପ୍ରାଥମିକ ଚିକିତ୍ସା ଏବଂ ସନ୍ଧାନ ଓ ଉଦ୍ଧାର ପ୍ରତିଯୋଗିତା ଶିବିର ନୀଳଡୁଙ୍ଗୁରି ସ୍ଥିତ ଉଦ୍ୟାନ ବିଭାଗ ପ୍ରଶିକ୍ଷଣ ଅନୁଷ୍ଠାନ ଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚଳନା କର୍ତ୍ତୃପକ୍ଷଙ୍କ ସୌଜନ୍ୟରେ ସମ୍ବଲପୁର ଜିଲ୍ଲା ବିପର୍ଯ୍ୟୟ ପରିଚଳନା କର୍ତ୍ତୃପକ୍ଷ ଏହାକୁ ଆୟୋଜନ କରିଥିଲେ।ଏହି ଶିବିରରେ ବଲାଙ୍ଗୀର, ଝାରସୁଗୁଡ଼ା ଓ କଳାହାଣ୍ଡି ଜିଲ୍ଲାର ୩୦ ଜଣ ଆପଦ ମିତ୍ର ସ୍ୱେଚ୍ଛାସେବୀ ଯୋଗଦେଇ ଏଥିରେ ଅଂଶ ଗ୍ରହଣ କରିଥିଲେ। ଆୟୋଜିତ ଶିବିରରେ ସମସ୍ତ ପ୍ରତିଯୋଗୀମାନଙ୍କ ମଧ୍ୟରେ ଦଳଗତ ଭାବେ ପ୍ରାଥମିକ ଚିକିତ୍ସା ଓ ଆପଦ କାଳୀନ ସେବା ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଡିଜାଷ୍ଟାର ପ୍ରୋଜେକ୍ଟ ଅଫିସର ଗୀତାଞ୍ଜଳି ସାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ସମ୍ବଲପୁର ମୁଖ୍ୟ ଚିକିତ୍ସାଳୟର ମେଡ଼ିସିନ ମୁଖ୍ୟ ଡା. ଲଳିତ କୁମାର ପ୍ରଧାନ, ବୁର୍ଲା। ଭୀମସାରର ଅସ୍ଥି ଓ ଶୈଳ ବିଶେଷଜ୍ଞ ଡା.ବିକାଶ ଦୁବେ, ଫାଷ୍ଟଏଡ୍ ତାଲିମଦାତା ଡା. ରାଜାରାମ ଷଡ଼ଙ୍ଗୀ, ରେଡ଼କ୍ରସ ସଂଯୋଜିକା ପ୍ରମିଳା ବେହେରା ବିଚାରକ, ସମ୍ବଲପୁର ସହାୟକ ଅଗ୍ନିଶମ ଅଧିକାରୀ ସୁଧାନ ଚରଣ କିସ୍କୋ ଓ ଜୁଯୋମୁରା ଲକ୍ଷ୍ମୀକାନ୍ତ ଥପା ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଜିଲ୍ଲା ଆପଦ କାଳୀନ ଅଧିକାରୀ ରସ୍ମୀ କୁମାରୀ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରାଥମିକ ଚିକିତ୍ସା, ସନ୍ଧାନ ଓ ଉଦ୍ଧାର ଭଳି ଜୀବନ ସୁରକ୍ଷା ଉପରେ ମନ ପ୍ରାଣ ଦେଇ କାର୍ଯ୍ୟ କରିବାକୁ ଶିବିରାର୍ଥୀ ମାନଙ୍କୁ ପରାମର୍ଶ ଦେଇ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଏଥିରେ ଦଳଗତ ଭାବେ ବଲାଙ୍ଗୀର ଜିଲ୍ଲାକୁ ବିଜେତା ଘୋଷଣା କରାଯାଇଥିଲା। ଆସନ୍ତା ୨୯ ତାରିଖ ଦିନ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବାକୁ ଥିବା ବିପର୍ଯ୍ୟୟ ପ୍ରସ୍ତୁତି ଓ ବିପର୍ଯ୍ୟୟ ପ୍ରଶମନ ଦିବସ ୨୦୨୪ରେ ଯୋଗ ଦେବାକୁ ସମ୍ବଲପୁର ଜିଲ୍ଲାରୁ ଏକ ୧୨ ଜଣିଆ ଦଳ ଭୁବନେଶ୍ୱର ଯାତ୍ରା କରିଛନ୍ତି। ଆୟୋଜିତ ଉତ୍ସବରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୁଝାରୀ ପ୍ରମୁଖ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି।

# କାରଖାନା ପାଉଁଶ ଆଉ ଖାଲି ଜାଗାରେ ପଡ଼ିପାରିବ ନାହିଁ

**ରାଉରକେଲା, ନ୍ୟୁଜ୍‌ବ୍ୟୁରୋ**

ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଖାଲିଥିବା ଜାଗାରେ ଜିଲ୍ଲା ତଥା ଜିଲ୍ଲା ବାହାରର ବିଭିନ୍ନ କାରଖାନା ନିଜ କାରଖାନାରୁ ବାହାରୁଥିବା ବିଷାକ୍ତ ପାଉଁଶକୁ ଯେଉଁଭଳି ମନଇଚ୍ଛା ଫୋପାଡ଼ିଦେଇ ଯାଉଥିଲେ ଓ ଲୋକଙ୍କୁ ନାନା ପ୍ରକାର ହଇରାଣ ହରକତ କରୁଥିଲେ ସେଥିରେ ଏବେ ରୋକ୍ ଲାଗିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏନେଇ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଆଉ ଏଭଳି ପାଉଁଶ କେହି ବାହାରେ ପକାଇପାରିବେ ନାହିଁ, କୌଣସି ଲୋକ ମଧ୍ୟ ନିଜ ଜାଗାକୁ ଏଭଳି ପାଉଁଶ ପକାଇବାରେ ବ୍ୟବହାର କରିପାରିବ ନାହିଁ ବୋଲି କୁହାଯାଇଛି। ଯଦି କେହି ପାଉଁଶ ପକାଇଲେ ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଛି। ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ ସୂତ୍ରରୁ ଜଣାପଡ଼ିଛି ଯେ, ଜିଲ୍ଲାର ବିଭିନ୍ନ ଯାଗାରେ ଏଭଳି ପାଉଁଶ ପକାଯାଉଥିଲା ଏନେଇ ଅସନ୍ତୋଷ ମଧ୍ୟ ବଢୁଥିଲା। ନିକଟ ଅତୀତରେ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ ଆଗରେ କିଛି ସଂଗଠନ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଉରକେଲା ସମେତ ଜିଲ୍ଲାର ବିଭିନ୍ନ ଯାଗାରେ କାରଖାନାଗୁଡିକ ହଜାର ହଜାର ଟନ୍ ପାଉଁଶ ପକାଇ ଚାଲିଯାଉ ଥିଲେ। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ପ୍ରତି କାରଖାନା ତିଆରି ବେଳେ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡର ନିୟମ ଅନୁସାରେ ଏମାନେ ପାଉଁଶ ପୋଖରୀ ମାନ କରିବା କଥା, ଯଦି ଏମାନେ ସେ ପୋଖରୀ କରିଛନ୍ତି ତେବେ ଏଭଳି ହଜାର ହଜାର ଟନ୍ ପାଉଁଶ କାହିଁକି ବାହାରେ ପକାଇ ଲୋକଙ୍କ ଜୀବନକୁ ଦୁର୍ବିସହ କରୁଛନ୍ତି ବୋଲି ପ୍ରଶ୍ନ ହେଉଛି।

# ଟାଲାଣ ପାଇଁ ୧୨ ଶ୍ରମିକଙ୍କୁ ଲୁଚାଇ ରଖିଥିଲେ ଦଲାଲ : ମାଡ଼ିବସିଲା ପୋଲିସ



**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ଲାଠୋର ଗ୍ରାମର ଏକ ପରିତ୍ୟକ୍ତ ଘରୁ ୧୨ ଜଣ ଦାଦନ ଶ୍ରମିକ ଓ ଜଣେ ଶିଶୁଙ୍କୁ ଉଦ୍ଧାର କରିଛି ପୋଲିସ। ମିଳିଥିବା ସୂଚନା ଅନୁଯାୟୀ, ଏହି ଶ୍ରମିକମାନେ ବରଗଡ଼ ଜିଲ୍ଲା ଗାଇସିଲେଟ ଥାନା ଅନ୍ତର୍ଗତ ଗିଦମାଲ ଗ୍ରାମର। ସେମାନଙ୍କ ମଧ୍ୟରେ ୬ଜଣ ପୁରୁଷ ବିଷ୍ଣୁ ସାହୁ, ବଳରାମ ସାହୁ, ଶ୍ୟାମ ସାହୁ, ପଦ୍ମନ ସାହୁ ବ୍ରହ୍ମା ସାହୁ, ଓଁକାର ସାହୁ ଏବଂ ୬ ଜଣ ମହିଳା ସନ୍ତୋଷିନୀ ସାହୁ, ହେମଲତା ସାହୁ, ଲବଙ୍ଗ ସାହୁ, ବାସନ୍ତି ସାହୁ, ମମତା ସାହୁ, ଜାହ୍ନବୀ ସାହୁ। ଶ୍ରମିକଙ୍କୁ ବାହାର ରାଜ୍ୟକୁ ଚାଲାଣ କରିବା ପାଇଁ ସମ୍ପୃକ୍ତ ଦଲାଲ ଜଣକ ଏକ ପରିତ୍ୟକ୍ତ ଘରେ ଲୁଚାଇ ରଖିଥିବା ପୋଲିସ ଖବର ପାଇଥିଲା।

ପରେ ପୋଲିସ ଚଢ଼ଉ କରି ଶ୍ରମିକ ଓ ସେମାନଙ୍କ ସହ ଥିବା ଜଣେ ଶିଶୁଙ୍କୁ ଉଦ୍ଧାର କରି ଥାନାକୁ ଆଣି ପଚରାଉଚରା କରିଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ ୨୩୫/୨୪) ରୁଜୁ କରି ଦୁଇ ଜଣ ଦଲାଲଙ୍କୁ ଅଟକ ରଖି ପଚରାଉଚରା କରୁଛି। ଦଲାଲ ଦୁଇଜଣଙ୍କ ମଧ୍ୟରେ ଜଣକ ଘର ଧଣ୍ଡାମୁଣ୍ଡ କଟାପାଲି ଗ୍ରାମରେ ହୋଇଥିବା ବେଳେ ଅନ୍ୟ ଜଣକ ଘର ଲାଠୋର ଗ୍ରାମରେ। ପୋଲିସ ଘଟଣାର ତଦନ୍ତ କରୁଥିବା ତଦନ୍ତ ଅଧିକାରୀ ଦେବାର୍ଚ୍ଚନ ମିର୍ଦ୍ଧା ପ୍ରକାଶ କରିଛନ୍ତି।

# ଆମେରିକାରେ ଅଦିନିଆ ରଥଯାତ୍ରା ବନ୍ଦ ପାଇଁ ଦାବି

**ପୁରୀ, ନ୍ୟୁଜ୍‌ବ୍ୟୁରୋ**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିଷ୍ଠିତ ଓ ପ୍ରଚଳିତ ଶାସ୍ତ୍ରୀୟ ପରମ୍ପରାକୁ ଭଙ୍ଗ କରି ଅଦିନରେ ଆମେରିକାର ହଷ୍ଟନ ସହରରେ ନଭେମ୍ବର ୩ରେ ସ୍ନାନ ଯାତ୍ରା ଓ ୯ ତାରିଖ ରଥ ଯାତ୍ରା ଆୟୋଜନ କରୁଥିବା ସୂଚନା ମିଳିଛି । ଦେଶୀ ଓ ବିଦେଶୀ ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ ଏହି ସମସ୍ୟାର ଦୀର୍ଘ ସ୍ଥାୟୀ ନିରାକରଣ ବ୍ୟବସ୍ଥା ପାଇଁ ପଦକ୍ଷେପ ନିଆଯିବା ପାଇଁ ଉତ୍କଳ ବିଦ୍ୱତ ପରିଷଦ ଶ୍ରୀମନ୍ଦିର କାର୍ଯ୍ୟାଳୟ ଠାରେ ଦାବିପତ୍ର ପ୍ରଦାନ କରିଛି। ପରିଷଦର ସଭାପତି ମନୋଜ ରଥଙ୍କ ନେତୃତ୍ୱରେ ପାଞ୍ଚ ଜଣିଆ ପ୍ରତିନିଧି ମଣ୍ଡଳ ବିଜୟ କୃଷ୍ଣ ବ୍ରହ୍ମା, ବରିଷ୍ଠ ସେବାୟତ ଶ୍ୟାମ ସୁନ୍ଦର ମହାପାତ୍ର, ସୁକାନ୍ତ ପଣ୍ଡା, ବିରଞ୍ଚି ନାରାୟଣ ମିଶ୍ର ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କୁ ଭେଟି ଏହାର ସ୍ଥାୟୀ ସମାଧାନ ବିଷୟରେ ଆଲୋଚନା କରି ଦାବି ପତ୍ର ପ୍ରଦାନ କରିଥିଲେ । ବିଗତ ଦିନ ମାନଙ୍କରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିଷ୍ଠିତ ଓ ପ୍ରଚଳିତ ଶାସ୍ତ୍ରୀୟ ପରମ୍ପରାକୁ ଭଙ୍ଗ କରି ଅଦିନରେ ସ୍ନାନ ଯାତ୍ରା ଓ ରଥ ଯାତ୍ରା ବିଷୟକୁ ନେଇ ଭକ୍ତ ସମାଜ, ପ୍ରଶାସନ, ସରକାର ଓ ଗଣମାଧ୍ୟମରେ ଅନେକ ଚର୍ଚ୍ଚା ହୋଇଥିଲା । କ୍ଷୋଭର ବିଷୟ ଇସକନ ଭଳି ସଂସ୍ଥା ପୁନର୍ବାର ଅମାନିଆ ହୋଇ ଶ୍ରୀଜଗନ୍ନାଥ ସଂସ୍କୃତିକୁ ଅପଭ୍ରଂଶ କରିବା ପାଇଁ ହୀନ ପ୍ରୟାସ କରି ଆମେରିକାର ହଷ୍ଟନ ସହରରେ ରଥଯାତ୍ରା ଆୟୋଜନ କରୁଥିବାର ପ୍ରମାଣ ମିଳିଛି । ଏ ବାବଦରେ ପୂଜ୍ୟ ଗଜପତି ମହାରାଜା ଆପତ୍ତି ଉଠାଥିଲେ। ପରେ ଇସ୍କନ ସଂସ୍ଥା ଏଭଳି କୌଣସି ଆୟୋଜନ କରିବ ନାହିଁ ଓ ଶ୍ରୀଜଗନ୍ନାଥ ସଂସ୍କୃତିକୁ ସମ୍ମାନ ଦେବ ବୋଲି ପତ୍ର ମାଧ୍ୟମରେ ପ୍ରତିଶ୍ରୁତି ଦେଇଥିଲା। ଦାବିପତ୍ରରେ ପରିଷଦ ଜଣାଇଛି ଯେ, ଶ୍ରୀମନ୍ଦିର ପ୍ରଶାସନ ଆମେରିକାର ହଷ୍ଟନ ସହରରେ ଥିବା ଇସ୍କନ ସଂସ୍ଥା ଓ ତାଙ୍କର ଅନ୍ତରାଷ୍ଟ୍ରୀୟ ମୁଖ୍ୟଙ୍କୁ ଏହି ନିୟମ ଭଙ୍ଗ ବିଷୟରେ ଅବଗତ କରାଇ ସାରା ବିଶ୍ୱରେ ଏଭଳି ଆୟୋଜନ ନ କରିବାକୁ ପ୍ରତିଶ୍ରୁତି ଆଣନ୍ତୁ । ଶ୍ରୀମନ୍ଦିର ପ୍ରଶାସନ ତୁରନ୍ତ ଭାରତ ସରକାରଙ୍କୁ ଏହି ବିଷୟରେ ଅବଗତ କରାଇ ଆମେରିକା ସରକାର ଇସ୍କନ ସଂସ୍ଥାକୁ ଏହି କାର୍ଯ୍ୟକ୍ରମ ବନ୍ଦ କରିବା ପାଇଁ ଆଦେଶ ଦେବା ପାଇଁ ବ୍ୟବସ୍ଥା କରନ୍ତୁ । ଶ୍ରୀମନ୍ଦିର ପ୍ରଶାସନ ଓଡ଼ିଶା ସରକାରଙ୍କ ମାଧ୍ୟମରେ ଭାରତର ସବୁ ରାଜ୍ୟର ମୁଖ୍ୟ ସଚିବଙ୍କୁ ପତ୍ର ଲେଖି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିଷ୍ଠିତ ଓ ପ୍ରଚଳିତ ଶାସ୍ତ୍ରୀୟ ପରମ୍ପରାରେ ସ୍ନାନଯାତ୍ରା ଓ ରଥ ଯାତ୍ରାର ତିଥି ବିଷୟରେ ଅବଗତ କରନ୍ତୁ ଓ ସେମାନଙ୍କ ରାଜ୍ୟରେ ଏଭଳି ଅଦିନିଆ ଆୟୋଜନ ହେଲେ ତାହାକୁ ଅନୁମତି ନ ଦେବା ପାଇଁ ଅନୁରୋଧ କରନ୍ତୁ। ଏହି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ବିଚାରକୁ ନେଇ ଅବିଳମ୍ବେ ବିଧି ମୁତାବକ କାର୍ଯ୍ୟାନୁଷ୍ଠାନ କରି ଉତ୍କଳ ଉଦାହରଣ ସୃଷ୍ଟି କରିବାକୁ ଅନୁରୋଧ କରିଛି ପରିଷଦ।

30 YEARS
ସମ୍ବାଦ କଳିକା

# ୫ ଟ୍ରିଲିଅନ ଡଲାର ଛୁଇଁଛି ବଜାରପୁଞ୍ଜି

ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ପୁଞ୍ଜି ବଜାରରେ ଅସ୍ଥିରତା ସତ୍ତ୍ୱେ ଭାରତୀୟ ଷ୍ଟକ୍ ବଜାର ଏକ ବିରଳ ମାଇଲଖୁଣ୍ଟ ହାସଲ କରିଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍ଇ)ରେ ତାଲିକାଭୁକ୍ତ କମ୍ପାନିଗୁଡ଼ିକର ବଜାରପୁଞ୍ଜି ପ୍ରଥମ ଥର ପାଇଁ ୫ ଟ୍ରିଲିଅନ ଡଲାର ଛୁଇଁଛି। କେବଳ ସେତିକି ନୁହେଁ, ୧୦ଟି ବଡ଼ କମ୍ପାନିଙ୍କ ବଜାରପୁଞ୍ଜି ମଧ୍ୟ ପ୍ରଥମ ଥର ପାଇଁ ୧ ଟ୍ରିଲିଅନ ଡଲାର ଟପିଛି। ସେନସେକ୍ସ ସର୍ବକାଳୀନ ରେକର୍ଡ ଠାରୁ ପ୍ରାୟ ୧.୭ ପ୍ରତିଶତ କମ୍ ଥିଲେ ମଧ୍ୟ ବଜାରପୁଞ୍ଜିରେ ବୃଦ୍ଧି ହୋଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ୱେବସାଇଟ୍‌ର ସୂଚନା ଅନୁଯାୟୀ, ଏକ୍ସଚେଞ୍ଜରେ ତାଲିକାଭୁକ୍ତ ୫୩୯୧ଟି କମ୍ପାନିର ବଜାରପୁଞ୍ଜି ୫ ଟ୍ରିଲିଅନ ଡଲାର ବା ୪୧୪.୭ ଲକ୍ଷ କୋଟି ଟଙ୍କା ଛୁଇଁଛି। ଚଳିତବର୍ଷ ଆରମ୍ଭରେ ସେୟାରଗୁଡ଼ିକର ବଜାରପୁଞ୍ଜି ଯେଉଁ ସ୍ତରରେ ଥିଲା ଆଜିସୁଦ୍ଧା ସେଥିରେ ପ୍ରାୟ ୬୩୩ ବିଲିଅନ ଡଲାର ବୃଦ୍ଧି ଘଟିଛି। ତଥ୍ୟ ଅନୁଯାୟୀ, ୧୦ଟି ବଡ଼ କମ୍ପାନିର ବଜାରପୁଞ୍ଜି ୧ ଟ୍ରିଲିଅନ ଡଲାର ବା ୯୦.୫୪ ଲକ୍ଷ କୋଟି ଟଙ୍କାରୁ ଅଧିକ ରହିଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ବଜାରପୁଞ୍ଜି ସର୍ବାଧିକ ୧୯.୪୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିବାବେଳେ ଏହା ପଛକୁ ଦ୍ୱିତୀୟ ସ୍ଥାନରେ ଟାଟା କନସଲଟାନ୍‌ସି ସର୍ଭିସେସ୍ (ଟିସିଏସ୍) ରହିଛି। ଟିସିଏସ୍‌ର ବଜାରପୁଞ୍ଜି ୧୩.୮୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ସେହିଭଳି ଏଚ୍‌ଡିଏଫ୍‌ସି ବ୍ୟାଙ୍କର ବଜାରପୁଞ୍ଜି ୧୧.୦୮ ଲକ୍ଷ କୋଟି ଟଙ୍କା, ଆଇସିଆଇସିଆଇ ବ୍ୟାଙ୍କର ବଜାରପୁଞ୍ଜି ୭.୮୮ ଲକ୍ଷ କୋଟି ଟଙ୍କା ଏବଂ ଭାରତୀ ଏୟାରଟେଲର ବଜାରପୁଞ୍ଜି ୭.୬୨ ଲକ୍ଷ କୋଟି ଟଙ୍କାରେ ରହିଛି। ଏହାବ୍ୟତୀତ ଭାରତୀୟ ଷ୍ଟେଟ ବ୍ୟାଙ୍କର ବଜାରପୁଞ୍ଜି ୭.୪୧ ଲକ୍ଷ କୋଟି ଟଙ୍କା, ଏଲ୍ଆଇସିର ୬.୪୬ ଲକ୍ଷ କୋଟି ଟଙ୍କା, ଇନଫୋସିସ୍‌ର ୫.୯୫ ଲକ୍ଷ କୋଟି ଟଙ୍କା, ଆଇଟିସିର ୫.୪୩ ଲକ୍ଷ କୋଟି ଟଙ୍କା ଏବଂ ହିନ୍ଦୁସ୍ତାନ ୟୁନିଲିଭରର ବଜାରପୁଞ୍ଜି ୫.୪୨ ଲକ୍ଷ କୋଟି ଟଙ୍କାରେ ରହିଛି। ଏକ ରିପୋର୍ଟ ଅନୁଯାୟୀ, ବମ୍ବେ ଷ୍ଟକ ଏକ୍ସଚେଞ୍ଜରେ ବଜାରପୁଞ୍ଜି ୨୦୨୩ ନଭେମ୍ବରରେ ୪ ଟ୍ରିଲିଅନ ଡଲାର ଟପିଥିଲା। ଏହାର ୬ ମାସ ମଧ୍ୟରେ ବଜାରପୁଞ୍ଜି ୫ ଟ୍ରିଲିଅନ ଡଲାର ଅତିକ୍ରମ କରିଛି। ଉଲ୍ଲେଖଯୋଗ୍ୟ, ୨୦୦୭ ମେ ମାସରେ ବଜାରପୁଞ୍ଜି ୧ ଟ୍ରିଲିଅନ ଡଲାର ଟପିଥିଲା। କିନ୍ତୁ ୨ ଟ୍ରିଲିଅନ ଡଲାର ଟପିବାକୁ ଦୀର୍ଘବର୍ଷ ଲାଗିଥିଲା। ପ୍ରାୟ ୧ ଦଶନ୍ଧି ପରେ ୨୦୧୭ରେ ଏହା ୨ ଟ୍ରିଲିଅନ ଡଲାର ?ଟପିଥିଲା। ଏହା ପରେ ୨୦୨୧ ମେ ମାସରେ ୩ ଟ୍ରିଲିଅନ ଡଲାର ଟପିଥିଲା। ଭାରତକୁ ବାଦ୍ ଦେଲେ ବର୍ତ୍ତମାନ ବିଶ୍ୱର ଆଉ ୪ଟି ଦେଶର ଷ୍ଟକ୍ ବଜାର ୫ ଟ୍ରିଲିଅନ ଡଲାର ଅତିକ୍ରମ କରିଛି। ସେମାନେ ହେଲେ ଯୁକ୍ତରାଷ୍ଟ୍ର ଆମେରିକା, ଚୀନ, ଜାପାନ ଏବଂ ହଂକଂ। ଯୁକ୍ତରାଷ୍ଟ୍ର ଆମେରିକାରେ ବଜାରପୁଞ୍ଜି ସର୍ବାଧିକ ୫୫.୬୫ ଟ୍ରିଲିଅନ ଡଲାର ଥିବାବେଳେ ଚୀନର ୯.୪ ଟ୍ରିଲିଅନ ଡଲାର, ଜାପାନର ୬.୪୨ ଟ୍ରିଲିଅନ ଡଲାର ଏବଂ ହଂକଂର ୫.୪୭ ଟ୍ରିଲିଅନ ଡଲାର ରହିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁଗସ୍ଥା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମ୍ଭୁତେ ।'

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଥିବ ବ୍ୟସ୍ତ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ
ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁଗସ୍ଥା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ତ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

# ଆନନ୍ଦ ଉଲ୍ଲାସର ପର୍ବ-ଦୀପାବଳି


ପ୍ରସନ୍ନ କୁମାର ମିଶ୍ର
ପୁରୀ-୨
ମୋ - ୮୦୧୮୮୭୫୩୩୫


ପୁରୀରେ ହବିଷ୍ୟାଳିମାନଙ୍କର ଦୀପାବଳି ପାଳନ


ସିଂହଦ୍ୱାର ଠାରେ କାଉଁରିଆ ଜାଳି ବଡବଡୁଆ ଡାକ (ଫାଇଲ ଫଟୋ)

ଆନନ୍ଦ ଉଲ୍ଲାସ ଓ ଆଲୋକର ପର୍ବ ଦୀପାବଳି, କାଳୀପୂଜା ଏବଂ ପୟାଶ୍ରାଦ୍ଧ, ଭାରତର ଏକ ରାଷ୍ଟ୍ରୀୟ ପର୍ବ। ଗୋଟିଏ ଦୁଇଟି ରାଜ୍ୟକୁ ଛାଡ଼ିଦେଲେ ଦେଶରେ ପ୍ରତିଟି ଅଂଚଳର ହିନ୍ଦୁ, ମୁସଲମାନ, ବୌଦ୍ଧ, ଜୈନ ଓ ଶିଖ୍‌ମାନେ ଅମାବାସ୍ୟା ରାତ୍ରିରେ ଅଗଣିତ ଦୀପାଳି ଜାଳନ୍ତି ଓ ରଙ୍ଗବେରଙ୍ଗୀ ବାଣ ଫୁଟାଇ ମହା ଆନନ୍ଦରେ ପର୍ବ ପାଳନ କରନ୍ତି। ହିନ୍ଦୁ ପରମ୍ପରାରେ ଅନ୍ଧାର ଉପରେ ଆଲୋକର ବିଜୟ ହିଁ ଏହି ଉତ୍ସବ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ସାମନାରେ ଏହିଦିନ ସଂଧ୍ୟାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ କାଉଁରିଆ ଜାଳି ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ନିବେଦନ କରିଥାନ୍ତି- 'ବଡ଼ ବଡୁଆ ହୋ, ଅନ୍ଧାରରେ ଆସି ଆଲୁଅରେ ଯାଅ,... ବାଇଶି ପାହାଚେ ଗଡ଼ଗଡ଼ଉ ଥାଅ।' ବିଶ୍ୱାସ ଅଛି, ଆଶ୍ୱିନ ଅମାବାସ୍ୟା ମହାଳୟା ତିଥିରେ ସମଗ୍ର ପିତୃପୁରୁଷ ତାଙ୍କ ବଂଶଧର ମାନଙ୍କ ଠାରୁ 'ତିଳ ଓ ତଣ୍ଡୁଳ' ପାଇବା ଆଶାରେ ମର୍ତ୍ତ୍ୟକୁ ଓହ୍ଲାଇ ଆସନ୍ତି । ମର୍ତ୍ତ୍ୟରେ ଉକ୍ତ ଦିନ ସେମାନଙ୍କର ଉଦ୍ଦେଶ୍ୟରେ ପିଣ୍ଡଦାନ କରାଯାଇଥାଏ। ପିଣ୍ଡଲାଭ କରି ବଂଶଧରମାନଙ୍କୁ ସେମାନେ ଆଶୀର୍ବାଦ ପ୍ରଦାନ କରନ୍ତି ମାତ୍ର ଫେରି ନ ଯାଇ ମର୍ତ୍ତ୍ୟ ଲୋକର ଆକର୍ଷଣରେ ଏକମାସ ଧରି ରହିଯାଆନ୍ତି। ଦୀପାବଳି ଅମାବାସ୍ୟା ଦିନ ସେଇଥିପାଇଁ ସେମାନଙ୍କୁ ଦୀପାଲୋକ ଦେଖାଯାଏ ଏବଂ କାଉଁରିଆ ଜାଳି ଉପରକୁ ଦେଖେଇ କୁହାଯାଏ, 'ଅନ୍ଧାରରେ ଆସି ଆଲୁଅରେ ଯାଅ।'

ପୁରାଣ ବର୍ଣ୍ଣନା ଅନୁଯାୟୀ ମହାଭାରତ ଯୁଦ୍ଧରେ ନିହତ ହୋଇ ମହାଦାନୀ କର୍ଣ୍ଣ ସ୍ୱର୍ଗଲୋକକୁ ଗମନ କରିଥିଲେ। ମାତ୍ର ସେଠାରେ ସେ କ୍ଷୁଧାର୍ତ୍ତ ହୋଇ ଖାଦ୍ୟ ମାଗିବାରୁ ତାଙ୍କୁ ଖାଦ୍ୟ ବଦଳରେ ସ୍ୱର୍ଣ୍ଣ ଦିଆଗଲା। ଏହାର କାରଣ ସ୍ୱରୂପ ତାଙ୍କୁ କୁହାଗଲା ଯେ, ମର୍ତ୍ତ୍ୟ ଲୋକରେ ସେ ବହୁ ସ୍ୱର୍ଣ୍ଣଦାନ କରିଛନ୍ତି। ମାତ୍ର 'ଅନ୍ନଦାନ' କରିନାହାନ୍ତି। ଅନ୍ନ ପାଇବା ପାଇଁ ମର୍ତ୍ତ୍ୟ ଲୋକକୁ ଫେରି କ୍ଷୁଧାର୍ତ୍ତଙ୍କୁ ଅନ୍ନଦାନ କରିବାକୁ ପଡ଼ିବ। ସର୍ତ୍ତ ଅନୁଯାୟୀ ମହାଦାନୀ କର୍ଣ୍ଣ ମହାଳୟା ଅମାବାସ୍ୟା ଦିନ ମର୍ତ୍ତ୍ୟ ଲୋକକୁ ଆସି ଏଠାରେ ଏକ ମାସ ଅବସ୍ଥାନ କରି ଅନ୍ନଦାନ କରିଥିଲେ ଓ ଦୀପାବଳି ଅମାବାସ୍ୟା ଦିନ ସ୍ୱର୍ଗ ଲୋକକୁ ଫେରି ଯାଇଥିଲେ। ସେହି ସ୍ମୃତିରେ ବଡ଼ବଡୁଆ ଡାକ ଓ ଦୀପାବଳି ଉତ୍ସବ ପାଳନ କରାଯାଇଥାଏ।

ରାମାୟଣ ବର୍ଣ୍ଣନା ଅନୁଯାୟୀ ପ୍ରଭୁ ରାମଚନ୍ଦ୍ର ଚଉଦ ବର୍ଷ ବନବାସ ଶେଷରେ ଦୂରାଚାରୀ ରାବଣ କବଳରୁ ସତୀ ସୀତାଙ୍କୁ ଉଦ୍ଧାର କରି ଏହିଦିନ ଅଯୋଧ୍ୟା ନଗରୀରେ ପହଞ୍ଚିଥିଲେ। ସମସ୍ତ ନଗରବାସୀ ଖୁସିରେ ଆତ୍ମହରା ହୋଇ ଉତ୍ସବ ପାଳନ କରିଥିଲେ ଓ ପ୍ରତି ଘରର ଦାଣ୍ଡଦୁଆରେ ଦୀପ ଜାଳି ବାଣ ଫୁଟାଇ ପ୍ରଭୁ ରାମଚନ୍ଦ୍ରଙ୍କୁ ସ୍ୱାଗତ କରିଥିଲେ। ଏହିଦିନ ମହାଦାନୀ 'ବଳୀ ରାଜା ଉତ୍ସବ' ପାଳିତ ହୋଇଥାଏ। ବଳୀ ଠାରୁ ଦାନ ନେଇ ତାକୁ ପାତାଳରେ ସ୍ଥାପନା କରିବା ପରେ ଭଗବାନ ବିଷ୍ଣୁ ତାଙ୍କୁ ବର ଦେଇଥିଲେ ଯେ ବଳୀ ରାଜା ଧରାପୃଷ୍ଠରେ ଥିବା ତାଙ୍କର ପ୍ରଜାମାନଙ୍କୁ ବର୍ଷକେ ଥରେ କାର୍ତ୍ତିକ ଅମାବାସ୍ୟା ଦିନ ଭେଟି ପାରିବେ। ସେହି ଖୁସିରେ ପୃଥିବୀବାସୀ ଦୀପ ଜାଳି ଓ ବାଣ ଫୁଟେଇ ତାଙ୍କୁ ସ୍ୱାଗତ କରନ୍ତି। ମହାଭାରତ ମହାପୁରାଣ ଅନୁସାରେ ଏହିଦିନ ଭଗବାନ ଶ୍ରୀକୃଷ୍ଣ ନରକାସୁରକୁ ବଧ କରି ତା'ର ବନ୍ଦୀଶାଳାରୁ ଷୋଳ ହଜାର ରାଜକନ୍ୟାଙ୍କୁ ଉଦ୍ଧାର କରିଥିବାରୁ ଦ୍ୱାରକାବାସୀ ସେମାନଙ୍କୁ ପ୍ରଦୀପ ମାଳାରେ ଅଭିନନ୍ଦିତ କରିଥିଲେ।

ଦିଗ୍‌ବିଜୟୀ ପ୍ରଜାବତ୍ସଳ ରାଜା ବିକ୍ରମାଦିତ୍ୟଙ୍କର ବିଜୟୋତ୍ସବ ଉପଲକ୍ଷେ ମଧ୍ୟ ଏହି ପର୍ବ ପାଳନ କରାଯାଇଥାଏ। ଦୀପାବଳି ଦିନ ଦେବୀ ଲକ୍ଷ୍ମୀ ସମୁଦ୍ର ମନ୍ଥନରୁ ଆବିର୍ଭୂତା ହୋଇଥିଲେ ଏବଂ ଏହି ଦିନ ଭଗବାନ ବିଷ୍ଣୁ ନୃସିଂହ ଅବତାର ଧାରଣ କରି ହିରଣ୍ୟକଶିପୁକୁ ବଧ କରିଥିଲେ। କେତେକଙ୍କ ମତରେ ଦୀପାବଳି କେବଳ ଏକ ଦିନର ଉତ୍ସବ ନୁହେଁ ବରଂ ପୂର୍ବାପର ଦିନ ମିଶାଇ ଏହା ଏକ ସପ୍ତାହର ପର୍ବ। କୁହାଯାଏ, ଏହିଦିନ ବ୍ରତ ରଖିଲେ ମନୁଷ୍ୟର ଧନ, ସ୍ୱାସ୍ଥ୍ୟ, ଯଶ ଓ ଆୟୁଷ ବୃଦ୍ଧି ପାଇଥାଏ। ପୌରାଣିକ ମତରେ ପୂର୍ବ କାଳରେ ଦେବତା ଓ ରାକ୍ଷସମାନେ ମିଶି ସମୁଦ୍ର ମନ୍ଥନ କଲାବେଳେ ରାଜବୈଦ୍ୟ ଧନ୍ୱନ୍ତରୀ ହାତରେ 'ଅମୃତ କଳସ' ଧରି ପ୍ରକଟ ହୋଇଥିଲେ ଯାହାକୁ ହାସଲ କରିବାପାଇଁ ସେମାନଙ୍କ ମଧ୍ୟରେ କଳି ଲାଗିଯାଇଥିଲା। ଏହି ସପ୍ତାହରେ ଧନ୍ୱନ୍ତରୀଙ୍କ ସହିତ କୁବେର ଓ ଯମ ଦେବତାଙ୍କର ମଧ୍ୟ ପୂଜା କରାଯାଇଥାଏ।

ପଶ୍ଚିମ ଭାରତର ଯେଉଁସବୁ ଅଞ୍ଚଳରେ ଦୀପାବଳି ଅମାବାସ୍ୟା ଦିନ କାଳୀପୂଜା ପରିବର୍ତ୍ତେ ଲକ୍ଷ୍ମୀପୂଜା କରାଯାଏ ସେ ଅଞ୍ଚଳରେ ଏହି ପୂଜାକୁ 'ଧନତେରାସ' କୁହାଯାଏ। ବିଶ୍ୱାସ କରାଯାଏ, ଦୀପାବଳି ସପ୍ତାହରେ ସୁନା ସଂଗ୍ରହ କଲେ ବା କିଣିଲେ, ସାରାବର୍ଷ ସେ ଘରକୁ ସୁନାର ସ୍ରୋତ ଆସିବାରେ ଲାଗିଥାଏ। ଏହି ଦିନ ସିଦ୍ଧିଦାତା ଗଣେଶ, ଐଶ୍ୱର୍ଯ୍ୟମୟୀ ଲକ୍ଷ୍ମୀ ଓ ବିଦ୍ୟାଦାତ୍ରୀ ସରସ୍ୱତୀଙ୍କର ପୂଜାର୍ଚ୍ଚନା କଲେ ଅଭିଷ୍ଟ ପୂରଣ ହୋଇଥାଏ ବୋଲି ବିଶ୍ୱାସ। ଏହି ସପ୍ତାହର ଦ୍ୱିତୀୟା ଦିନ ଯମ ଦ୍ୱିତୀୟା ଓ ଭାତୃ ଦ୍ୱିତୀୟା ରୂପେ ପାଳନ କରାଯାଇଥାଏ। କଥିତ ଅଛି, ଦ୍ୱିତୀୟା ଦିନ ଯମରାଜା ତାଙ୍କ ଭଉଣୀ 'ଯମୁନା'ଙ୍କ ଘରକୁ ଯାଇଥିଲେ। ଯମୁନା ଖୁସିରେ ନିଜ ହାତରେ ରୋଷେଇ କରି ଯମରାଜାଙ୍କୁ ଖୁଆଇ ଥିଲେ। ଏଥିରେ ଅତ୍ୟନ୍ତ ପ୍ରୀତ ହୋଇ ଯମରାଜା ଆଶୀର୍ବାଦ କରିଥିଲେ, 'ଆଜିଦିନରେ ଯିଏ ନିଜ ଭଉଣୀ ଘରକୁ ଆସି ଭୋଜନ କରିବ ସେ ମୃତ୍ୟୁଯନ୍ତ୍ରଣା ଭୋଗିବ ନାହିଁ ।' ଭଗବାନ ବାମନ ମଧ୍ୟ ବଳୀ ରାଜାଙ୍କୁ ବରଦାନ କରି କହିଥିଲେ, ଦୀପାବଳି ଦିନ ଯେଉଁମାନେ ଯମରାଜାଙ୍କ ଉଦ୍ଦେଶ୍ୟରେ 'ଦୀପଦାନ' କରିବେ, ସେମାନେ ଯମଯନ୍ତ୍ରଣା ଭୋଗିବେ ନାହିଁ ଏବଂ ଲକ୍ଷ୍ମୀଙ୍କ ଆଶୀର୍ବାଦ ଲାଭ କରିବେ।

# ହର୍ଷ ଓ ଉଲ୍ଲାସର ପର୍ବ ଦୀପାବଳି


ଡକ୍ଟର ଅଜୟ କୁମାର ନନ୍ଦ
(ସହକାରୀ ପ୍ରାଧ୍ୟାପକ ଓ ଉପ-ବିତ୍ତ ଅଧିକାରୀ)
କିସ୍ ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର
ajayakumarnanda@gmail.com

ଭାରତୀୟ ସଂସ୍କୃତି ରେ ପ୍ରଚଳିତ ପର୍ବପର୍ବାଣି,ସାମାଜିକ ବିଧି ବ୍ୟବସ୍ଥା,ଓ ଆଧ୍ୟାତ୍ମିକତା ସରଞ୍ଜନା ର ଏକ ସ୍ୱତନ୍ତ୍ରତା ଅଛି । ମଣିଷ ମନରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ କରିବା ସହିତ ଅନେକ ପର୍ବ ଜୀବନଧାରାକୁ ଅଧିକ ସୁଗମ କରିବାପାଇଁ, ଆମେ ପାଳୁଛୁ ବାର ମାସରେ ତେର ପର୍ବ। ପ୍ରକୃତରେ କହିବାକୁ ଗଲେ ପର୍ବ ପର୍ବାଣି ହେଉଛି ସାମାଜିକ ବନ୍ଧନର ଏକ ମଜଭୁତ ସେତୁ ଯାହାଦ୍ୱାରା ପରସ୍ପର ମଧ୍ୟରେ ସ୍ନେହ, ସମ୍ପର୍କ, ସହାନୁଭୂତି, ସଦ୍‌ଭାବନା ଆଦି ବଜାୟ ରହିଥାଏ । ଧର୍ମ ମାସ କାର୍ତ୍ତିକ ମାସରେ ପାଳନ ହେଉଥିବା ଅନେକ ପର୍ବ ମଧ୍ୟରେ ଦୀପାବଳି ଅମାବାସ୍ୟା ସମେତ, ପବିତ୍ର ଅଁଳା ନବମୀରେ ରାଧାଙ୍କ ପାଦ ଦର୍ଶନ ଓ ମାସର ଶେଷ ପର୍ବ ଭାବେ ପଞ୍ଚୁକ, ବଡଓଷା ଓ କାର୍ତ୍ତିକ ପୂର୍ଣ୍ଣମୀ ଅନ୍ୟତମ । ଧାର୍ମିକ ଓ ସାମାଜିକ ପରମ୍ପରାରେ ଦୀପ ପ୍ରଜ୍ୱଳନ ଗୁରୁତ୍ୱ ବହୁତ ବେଶି । ଦୀପ ହେଉଛି ଐଶ୍ୱର୍ଯ୍ୟ ଓ ସମୃଦ୍ଧିର ପ୍ରତୀକ । ଦୀପରେ ଅଗ୍ନି ସଂଯୋଗ ପରେ ଉତ୍ପନ୍ନ ଜ୍ୟୋତି ହେଉଛି, ଭବ୍ୟ ଓ ସମ୍ବର୍ଦ୍ଧନା ଜଣାଇ ଉତ୍‌ଫୁଲିତ ହେବାର ଏକ ସନ୍ଦେଶ । ଦୀପାବଳିରେ ଦୀପ ପ୍ରଜ୍ୱଳନର ମହତ୍ତ୍ୱ ସତ୍ୟ, ତ୍ରେତୟା ଓ ଦ୍ୱାପର ଯୁଗରେ ଘଟିଥିବା ଅନେକ ପୌରାଣିକ ଘଟଣାବଳିରେ ସଂଶ୍ଲିଷ୍ଟ । ପୁରାଣ ତଥ୍ୟାନୁଯାୟୀ ସତ୍ୟ ଯୁଗରେ ସମୁଦ୍ର ମନ୍ଥନ ସମୟରେ ଭଗବାନ ଧନ୍ୱନ୍ତରୀ ଓ ମା ଲକ୍ଷ୍ମୀ ଆୟୁର୍ବେଦ ଓ ଅମୃତ କଳସ ଧରି ପ୍ରକଟ ହୋଇଥିଲେ ସେଥିପାଇଁ ସମଗ୍ର ମାନବ ସମାଜ ଦୀପ ଜାଳି ଆନନ୍ଦ ବ୍ୟକ୍ତ କରିଥାନ୍ତି । ତ୍ରେତୟା ଯୁଗରେ ଶ୍ରୀରାମଚନ୍ଦ୍ର ଲଙ୍କାପତି ରାବଣକୁ ବଧ କରି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କୁ ଅଯୋଧ୍ୟାବାସୀ ପୁରପଲ୍ଲୀରେ ଘରେ ଘରେ ଦୀପ ଜାଳି, ବାଣ ଫୁଟାଇ ଖୁସି ମନାଇଥିଲେ । ଅନ୍ୟ ଏକ ଘଟଣାରେ ଦୈତ୍ୟରାଜ ବଳିଙ୍କ ମହାଦାନୀ ସ୍ୱଭାବ ଓ ସୁଶାସନ ଫଳସ୍ୱରୂପ ସ୍ୱର୍ଗପୁର ଦଖଲ କରିବାର ଏକ ସମ୍ଭାବନା ସୃଷ୍ଟି କରିଥଲା ଯାହା ଦେବତାକୁଳ ପାଇଁ ଥିଲା ଏକ ମହାବିପଦ ସଦୃଶ । ଦେବତାକୁଳ ରକ୍ଷାପାଇଁ 'ଭଗବାନ ବିଷ୍ଣୁ' ବାମନ ଅବତାର ଧାରଣକରି ବଳି ରାଜାଙ୍କୁ ତିନିପାଦ ଭୂମି ମାଗିଥିଲେ ତଦନୁଯାୟୀ ପ୍ରଥମ ପାଦ ପୃଥିବୀ ଦ୍ୱିତୀୟ ପାଦ ସ୍ୱର୍ଗ ଓ ତୃତୀୟ ପାଦରେରେ ବଳୀକୁ ପାତାଳକୁ ଚାପିଥିଲେ । ପରବର୍ତ୍ତୀ ସମୟରେ ବଳି ପାତଳରେ ରାଜା ହେବାପରେ ବର୍ଷକୁ ଗୋଟିଏ ଦିନ ମର୍ତ୍ତ୍ୟପୁରକୁ ଆସିବାର ବରମାଗିବାରୁ ବିଷ୍ଣୁ ତଥାସ୍ତୁ ବୋଲି କହି ସହମତି ପ୍ରକାଶ କରିଥିଲେ । ସେହିଦିନକୁ ମର୍ତ୍ତ୍ୟବାସୀ ମାନେ ଦୀପଜାଳି ଆନନ୍ଦ ବ୍ୟକ୍ତ କରିଥାନ୍ତି । ସେହିପରି ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ଅତ୍ୟାଚାରୀ ନରକାସୁରଙ୍କୁ କାର୍ତ୍ତିକ ମାସ କୃଷ୍ଣ ଚତୁର୍ଦ୍ଦଶୀରେ ବନ୍ଧ କରି ଚଉଷଠି ସହସ୍ର ରାଜକନ୍ୟାଙ୍କୁ ରକ୍ଷା କରିଥିଲେ, ସେଥିପାଇଁ ଏହାକୁ ମଧ୍ୟ ନରକ ଚତୁର୍ଦ୍ଦଶୀ ବୋଲି କୁହାଯାଏ, ସେହି ଖୁସିରେ ଦ୍ୱାରକା ବାସୀମାନେ ଆଲୋକ ଉତ୍ସବ ପାଳନ କରି ଖୁସି ମନାଇଥିଲେ । ସେହିପରି ଧର୍ମବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ଧର୍ମ ସଂସ୍କୃତିରେ ଦୀପ ପ୍ରଜ୍ୱଳନ ଏକ ମଙ୍ଗଳମୟ କାର୍ଯ୍ୟ ରୂପେ ବିବେଚନା କରାଯାଏ । ହିନ୍ଦୁ, ବୌଦ୍ଧ, ଜୈନ ଓ ଶିଖ ଧର୍ମାବଲମ୍ବୀ ପ୍ରତ୍ୟେକ ତାଙ୍କ ସାମାଜିକ ଚଳଣିରେ ଦୀପାବଳି ପର୍ବର ଆଭିମୁଖ୍ୟକୁ ନେଇ ଭିନ୍ନଭିନ୍ନ ରକମରେରେ ପାଳନ କରନ୍ତି । ହିନ୍ଦୁମାନେ ବୌଦ୍ଧିକ ଚେତନା ତଥା ଧାର୍ମିକ ବିଶ୍ୱାସରେ ପିତୃପୁରୁଷମାନଙ୍କୁ ପୟାଶ୍ରାଦ୍ଧ ଦେଇ ସ୍ୱର୍ଗପୁରକୁ ଫେରିବାପାଇଁ ଆଲୋକ ଦେଖାଇ ଅଭ୍ୟର୍ଥନା ପ୍ରଦାନ କରନ୍ତି । ଅନେକ ମର୍ତ୍ତ୍ୟବୈକୁଣ୍ଠ କୁହାଯାଉଥିବା ଶ୍ରୀମନ୍ଦିରରେ ବାଇଶି ପାହଚରେ ପିଣ୍ଡଦାନ କରୁଥିବାବେଳେ ବର୍ତ୍ତମାନ ଶ୍ରୀମନ୍ଦିରର ଭିତର ପରିକ୍ରମା ମାର୍ଗରେ ପିଣ୍ଡଦାନ କରି ପିତୃପୁରୁଷଙ୍କ ଠାରୁ ଆଶୀର୍ବାଦ ଭିକ୍ଷା କରୁଛନ୍ତି । ସନ୍ଧ୍ୟାରେ ନିଜ ନିଜ ଘରେ ଘିଅ ବଳିତା ବା କାଉଁରିଆ ଜାଳି 'ବଡ ବଡୁ ଆହୋ, ଅନ୍ଧାରରେ ଆସ, ଆଲୁଅରେ ଯାଅ, ଗଙ୍ଗା ଯାଅ, ଗୟା ଯାଅ, ବାଇଶି ପାହାଚେ ମହାପ୍ରସାଦ ଖାଇ ଆମକୁ ଅମୃତ ଦୃଷ୍ଟିରେ ଚାହିଁ ଥାଅ" ବୋଲି କହି ପିତୃପୁରୁଷଙ୍କୁ ବା ବଡ଼ ବଡୁଆଙ୍କୁ ଆବାହନ କରି ଆଶୀର୍ବାଦ ଭିକ୍ଷା କରନ୍ତି। ଖ୍ରୀଷ୍ଟପୂର୍ବ ୫୨୭ ରେ ଏକଦା ଜୈନ ଧର୍ମାବଲମ୍ବୀ ସନ୍ୟାସୀ ମାନେ ଏକାଠି ହୋଇ, ମାନବ କଲ୍ୟାଣପାଇଁ ଜ୍ଞାନ ପ୍ରଦାନକାରୀ 'ମହାବୀର ବର୍ଦ୍ଧମାନ' ଙ୍କ ମହାପ୍ରୟାଣ ଦିବସରେ ମର୍ମାହତ ହୋଇ, ସମଗ୍ର ପୃଥିବୀ ପାଇଁ ଦିବ୍ୟଜ୍ଞାନ ସନ୍ଧାନରେ ମଶାଲ ଜଳାଇ ଯାତ୍ର କରିଥିଲେ । ସେବେଠାରୁ ଦୀପାବଳୀରେ ଆଲୋକ ଜଳାଇବାର ପ୍ରଥା ପ୍ରଚଳିତ । ସେହିପରି ଏକଦା ଅଗଣିତ ଶିଖ ଧର୍ମାବଲମ୍ବୀ ମାନଙ୍କ ଦୃଢ଼ ବିରୋଧ ଯୋଗୁଁ ଶିଖମାନଙ୍କ ଷଷ୍ଠ ଧର୍ମଗୁରୁ ହରଗୋବିନ୍ଦ ସିଂହ ଏହି ଦିନ କାରାଗାରରୁ ମୁକ୍ତ ହୋଇଥିଲେ, ସେବେଠାରୁ ଶିଖସମ୍ପ୍ରଦାୟ ମାନେ ଏହି ଦିନକୁ ଆଲୋକ ପ୍ରାପ୍ତି ର ଦିବସ ରୂପେ ପାଳନ କରୁଛନ୍ତି । ଦୀପାବଳି ଏକ ସାମାଜିକ ଉତ୍ସବ ହୋଇଥିବାରୁ ଏହି ଦିନ ପ୍ରତ୍ୟେକ ଲୋକ ନିଜ ନିଜ ଘରଦ୍ୱାର ସଫା ସୁତୁରା କରିବା ସହିତ ଘରକୁ ବିଭିନ୍ନ ରଙ୍ଗ ବେରଙ୍ଗର ଝୋଟି ଓ ଚିତା ଓ ସୁସଜ୍ଜିତ ସହିତ ଆଲୋକ ମାଳା ସଜେଇବା ସହିତ ସୁସ୍ୱାଦୁ ଭୋଜନ ସହ ପିଠା ପଣା ଓ ମିଷ୍ଟାନ୍ନ ପ୍ରସ୍ତୁତ କରିଥାନ୍ତି । ବର୍ତ୍ତମାନର ଉଗ୍ର ଆଧୁନିକବାଦ ମଣିଷ ମାନେ ହର୍ଷ ଓ ଉଲ୍ଲାସର ପର୍ବ ଦୀପାବଳିକୁ ଏକ ବାଣ ଫୁଟା ପ୍ରତିଯୋଗିତା ପର୍ବ ରୂପେ ଧରିନେଇଛନ୍ତି, ଫଳରେ ଏଥିରୁ ନିର୍ଗତ ସଲଫର ଡାଇଅକ୍ସାଇଡ, କାର୍ବନ ଡାଇଅକ୍ସାଇଡ ଓ କାର୍ବନ ମନୋଅକ୍ସାଇଡି ଭଳି ମାରାତ୍ମକ ଗ୍ୟାସ ବାୟୁମଣ୍ଡଳରେ ମିଶି ମଣିଷ ପାଇଁ ଘାତକ ସାଜୁଛି, ବାୟୁବିଷାକ୍ତ ହେବାଦ୍ୱାରା ଅନେକ ମାରାତ୍ମକ ରୋଗରେ ପୀଡିତ ହେବା ସହିତ ମୃତ୍ୟୁ ମୁଖରେ ପଡୁଛନ୍ତି । ବାୟୁମଣ୍ଡଳ ପ୍ରଦୂଷଣ ରୋକିବାପାଇଁ, ଡେରିରେ ହେଲେବି ବିଗତ ବର୍ଷରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଦିଲ୍ଲୀବାସୀଙ୍କ ପାଇଁ ଏକ ନିର୍ଦ୍ଦେଶନାମା ଜାରିକରିଛନ୍ତି ତଦନୁଯାୟୀ ଦୀପାବଳୀରେ ବାଣ ଫୁଟାଇଲେ ଛଅ ମାସ ଜେଲ ସହିତ ଜୋରିମାନା ଦଣ୍ଡ ଧାର୍ଯ୍ୟ ଭଳି ଏକ କଠୋର ଆଇନ ହାତକୁ ନେଇଥିଲେ ମଧ୍ୟ ଚଳିତବର୍ଷ ଏହାକୁ ବଳବତ୍ତର ରଖିଛନ୍ତି । ସରକାରଙ୍କ ଏଭଳି ପଦକ୍ଷେପକୁ ସମସ୍ତେ ପ୍ରଶଂସା କରିବା ସହିତ ସାରା ଦେଶରେରେ ଏହାକୁ ଲାଗୁ କରାଗଲେ ବାୟୁ ପ୍ରଦୂଷଣ ଅନେକାଂଶରେରେ ରୋକାଯାଇପାରନ୍ତା ବୋଲି ମତବ୍ୟକ୍ତ କରିଛନ୍ତି । ଏକଥା ସତ ଯେ ପରିବେଶ ସୁରକ୍ଷା ଓ ଏହାର ରକ୍ଷଣାବେକ୍ଷଣ ମଣିଷ ହାତରେ ସମ୍ପୂର୍ଣ୍ଣ ନ୍ୟସ୍ତ । ଏବେ ମଣିଷ ପରିବେଶ ପାଇଁ ଘାତକ ସାଜୁଛି, ଘଟଣା ସ୍ୱରୂପ ପଶ୍ଚାତ ଦେଶ ମାନଙ୍କରେ ଉପୁଜିଥିବା ବିବାଦର ତୁହାକୁ ତୁହା ଗୁଳି ବର୍ଷଣ ସାଙ୍ଗକୁ, ୟୁକ୍ରେନ୍‌କୁ 'ଆମେରିକା ଓ ନାଟୋ' ସହଯୋଗକୁ ରୁଷର କଡା ଆଭିମୁଖ୍ୟ ଏକ ପରମାଣୁ ଯୁଦ୍ଧ ସମ୍ଭାବନାକୁ ଉସୁକାଉଛି। । ଏଥି ଯୋଗୁ ସମଗ୍ର ବିଶ୍ୱବାସୀକୁ ଯେଉଁ ମୂଲ୍ୟ ଦେବାକୁ ପଡିବ ତା'ର ସମୀକ୍ଷା କରିବାର ବେଳ ବୋଧହୁଏ ଡେରି ହେବାରେ ଲାଗିଛି । ବିଶ୍ୱବାସୀ ମାନଙ୍କ ରକ୍ଷାକବଚ ବୋଲାଉଥିବା 'ୟୁନାଇଟେଡ଼ ନେସନ ବା 'ଜାତିସଙ୍ଘ' ର ନୀରବତା ସମଗ୍ର ମନୁଷ୍ୟ ସମାଜ ପାଇଁ ଆଣିବ ଏକ ବଡ଼ ବିପର୍ଯ୍ୟୟ । ମଣିଷର ଆତ୍ମବଡ଼ିମା ଓ ଅସହିଷ୍ଣୁତାର ଏହା ଏକ ପ୍ରତିଫଳନ କହିଲେ ଅତ୍ୟୁକ୍ତି ହେବନାହିଁ, ଏକଥା ଆମେ ଭୁଲିଯାଉଛୁ ଯେ ଈଶ୍ୱରଙ୍କ ସୃଷ୍ଟ ପରିବେଶରେ କ୍ଷତି ପହଁଚାଇବା ମଣିଷ ର ନୈତିକ ଦାୟିତ୍ୱ ବା କର୍ତ୍ତବ୍ୟ ଆଦୌନୁହେଁ । ଅବିଳମ୍ବେ ଏଥିରେ ରୋକ୍ ଲଗାଇ ବିଶ୍ୱ ସମୁଦାୟ ଏକାଠି ହୋଇ ଜୀବଜଗତରୁ ଅଜ୍ଞାନ, ଅନ୍ଧାର,ଅନ୍ୟାୟ, ଅଶାନ୍ତି, ଦୂର କରିବା ପାଇଁ ଆଲୋକ ରୂପକ ଜ୍ଞାନ, ସଦ୍ ଭାବନା, ଶାନ୍ତି ଓ ମୈତ୍ରୀ ପ୍ରଭୃତି ଐଶ୍ୱରୀକ ଗୁଣ ମଣିଷ ମନରେ ଜାଗ୍ରତ କରିବା ପାଇଁ ଉଦ୍ୟମ ହେଉ ଯାହା ସମଗ୍ର ମଣିଷ ସମାଜ ପାଇଁ ଆଣୁ ଆନନ୍ଦର ଫୁଆର । ଆସନ୍ତୁ ଆତସବାଜି ପରିବର୍ତ୍ତେ ସବୁଜବାଣ ଓ ଦୀପ ପ୍ରଜ୍ୱଳନ କରି ଖୁସି ବ୍ୟକ୍ତ କରିବା ସହିତ ପ୍ରଦୂଷଣ ମୁକ୍ତ "ଦୀପାବଳୀ ପାଳନ କରିବା ।

# ଦୀପାବଳି


କାଳି ଦାସ
ବ୍ରହ୍ମପୁର, ଖୋଡ଼ାସିଙ୍ଗ
କଳିଙ୍ଗନଗର,
ମୋ-୭୨୦୫୧୦୦୮୩୯

ଅମାବାସ୍ୟାର ଅନ୍ଧକାରକୁ ଦୂର କରିବାପାଇଁ ଶହ ଶହ ଦୀପ ପ୍ରତ୍ୟେକ ଘରେ ଲାଗିଥାଏ। ଭାରତର ପ୍ରତ୍ୟେକ ପର୍ବ ଆଧ୍ୟାତ୍ମିକ ଚେତନା, ମାନବିକ ମୂଲ୍ୟବୋଧକୁ କେନ୍ଦ୍ର କରି ହୋଇଥାଏ। ଅନ୍ଧକାର ଅଜ୍ଞାନକୁ ପ୍ରତିନିଧିତ୍ୱ କରେ। ଆଲୋକ ଜ୍ଞାନକୁ ପ୍ରତିନିଧିତ୍ୱ କରିଥାଏ। କୁହାଯାଏ ପ୍ରଥମେ ଦୀପାବଳି ଅଯୋଧ୍ୟାରେ ପାଳନ କରାଯାଇଥିଲା। ପ୍ରଭୁ ଶ୍ରୀ ରାମଚନ୍ଦ୍ର ୧୪ ବର୍ଷ ବନବାସ ଶେଷ କରି ଭାଇ ଲକ୍ଷ୍ମଣ ଓ ପତ୍ନୀ ସୀତାଙ୍କୁ ନେଇ ଅଯୋଧ୍ୟା ଫେରିଥିଲେ। ଅଯୋଧ୍ୟା ବାସୀ ରାମଚନ୍ଦ୍ରଙ୍କ ସ୍ୱାଗତ ପାଇଁ ଦୀପରେ ଘର ସଜାଇ ଥିଲେ। ସେହି ଦିନଠାରୁ ଏହି ପରମ୍ପରା ଚାଲିଛି। କାଶ୍ମୀର ଠାରୁ କନ୍ୟାକୁମାରୀ ଯାଏଁ ସବୁଠି ଦୀପାବଳିର ଭବ୍ୟ ସମାରୋହ ଦେଖିବାକୁ ମିଳିଥାଏ। ଦୀପାବଳି ହେଲା ଆଲୋକର ପର୍ବ, ବନ୍ଧୁ ମିଳନର ପର୍ବ। ଜ୍ଞାନ ଓ ବୈରାଗ୍ୟର ପର୍ବ । ଲୋକମାନେ ଦୀପାବଳିକୁ ହୃଦୟର ସହିତ ସ୍ୱାଗତ କରିଥାନ୍ତି। ଘର ଲିପା ପୋଛା ସଫା ସୁତୁରା କରାଯାଇଥାଏ। ଫୁଲ ମାଳ ଘରେ ଘରେ ଲାଗିଥାଏ। ଉତ୍ତରଭାରତରେ ଦୀପାବଳିର ମହତ୍ତ୍ୱ ଅଲଗା ରହିଛି। ଦୀପାବଳି କେବଳ ଗୋଟିଏ ଦିନର ପର୍ବ ନୁହେ ବରଂ ଏହା ପାଞ୍ଚ ଦିନ ଯାଏଁ ଚାଲିଥାଏ। ଧନତେରସ ତ୍ରୈୟଦଶୀ ତିଥିକୁ କୁହାଯାଏ । ଏହି ଦିନ ଧନ୍ୱନ୍ତରଙ୍କ ଜନ୍ମ ହୋଇଥିଲା। ସମୁଦ୍ର ମନ୍ଥନ ବେଳେ ଧନ୍ୱନ୍ତରୀ ଅମୃତର କଳସ ଧରି ସମୁଦ୍ର ମନ୍ଥନରୁ ବାହାରି ଆସିଥିଲେ ତେଣୁ ଧନ୍ୱନ୍ତରଙ୍କ ଜନ୍ମକୁ ଧନତେରସ କୁହାଯାଇଥାଏ। ଏହି ଦିନ ଲୋକମାନେ ସୁନା, ରୂପା ଓ ବାସନ ପତ୍ର କିଣିଥାନ୍ତି। ଏହା ଦ୍ୱାରା ଘରର ଆର୍ଥିକ ପରିସ୍ଥିତି ସୁଧୁରିଥାଏ ବୋଲି ବିଶ୍ୱାସ ରହିଛି । ତା ପରଦିନକୁ ଛୋଟ ଦୀପାବଳି ବୋଲି କୁହାଯାଏ । ଘରେ ଘରେ ଦୀପ ଲଗା ଯାଇଥାଏ । ତାପର ଦିନକୁ କୁହାଯାଏ ଦୀପାବଳି । ଏହି ଦିନ ଉତ୍ତରଭାରତରେ ଲୋକମାନେ ଲକ୍ଷ୍ମୀ ଏବଂ ଗଣେଶଙ୍କ ଆରାଧନା ବା ପୂଜା କରିଥାନ୍ତି । ଓଡିଶାରେ ଏବଂ ପଶ୍ଚିମବଙ୍ଗରେ କାଳୀପୂଜା ମେଢ ହୋଇଥାଏ । ଦୀପାବଳି ପରଦିନକୁ ଗୋବର୍ଦ୍ଧନ ଉତ୍ସବ କୁହାଯାଏ । ଏହି ଦିନ ଭଗବାନ ଶ୍ରୀ କୃଷ୍ଣ ଗୋବର୍ଦ୍ଧନ ପର୍ବତକୁ ନିଜ କାଣୀ ଆଙ୍ଗୁଠିରେ ଉଠାଇଥିଲେ ଏବଂ ବୃନ୍ଦାବନରେ ବସବାସ କରିଥିବା ଲୋକଙ୍କୁ ଇନ୍ଦ୍ରଙ୍କ କୋପରୁ ବଞ୍ଚାଇଥିଲେ । ତାପର ଦିନ ହେଲା "ଭାଇଦୁଜ" ବା ଭାତୃଦ୍ୱିତୀୟା। ଏହି ଦିନ ଭଉଣୀମାନେ ଭାଇଙ୍କ ପାଇଁ ଉପବାସ କରିଥାନ୍ତି । ଭାଇର ଦୀର୍ଘ ଜୀବନ କାମନା କରିଥାନ୍ତି ଓ ଭାଇ ଠାରୁ ଉପହାର ପାଇଥାନ୍ତି । ଭାଇ ଭଉଣୀଙ୍କ ସ୍ନେହର ପ୍ରତୀକ ଭାଇଦୁଜ। ଓଡିଶାରେ ଦୀପ ଦାନ ଓ ପୟା ଶ୍ରାଦ୍ଧ କରାଯାଇଥାଏ। ବିଶ୍ୱାସ ଏହି ଯେ ପିତୃପକ୍ଷ ବା ଅପର ପକ୍ଷରେ ପିତୃପୁରୁଷମାନେ ନିଜର ପରିବାର ପାଖକୁ ଆସିଥାନ୍ତି ଏବଂ ଦୀପାବଳି ଦିନ ପୁଣି ପିତୃଲୋକ ଫେରିଯାଇଥାନ୍ତି ତେଣୁ ପିତୃପୁରୁଷଙ୍କୁ ଅମାବାସ୍ୟାର ଅନ୍ଧକାର ସେମାନଙ୍କ ଗତିରେ ବାଧା ନ ସୃଷ୍ଟି କରୁ ସେଥିପାଇଁ ପିତୃଲୋକଙ୍କ ଉଦ୍ଦେଶ୍ୟରେ ଆଲୋକ ଦେଖା ଯାଇଥାଏ । ଏହା ପର ଠାରୁ କାର୍ତ୍ତିକ ମାସର ଅନ୍ୟ ପର୍ବ ଆସିଯାଏ। ଦୀପାବଳିର ଆଲୋକ ସଜ୍ଜା ଆମକୁ ଅନେକ କିଛି ଶିଖାଏ । ଆସୁରିକ ଶକ୍ତି ଉପରେ ଦୈବୀ ଶକ୍ତିର ବିଜୟ ଏବଂ ଅସତ୍ୟ ଉପରେ ସତ୍ୟର ବିଜୟକୁ ଦର୍ଶାଇଥାଏ । ଦୀପାବଳି ଦିନ ଲୋକମାନେ ଆତିସବାଜି କରିଥାନ୍ତି କିନ୍ତୁ ଏଥିପାଇଁ ଧ୍ୱନି ପ୍ରଦ୍ୟୁଷଣ ଏବଂ ବାୟୁ ପ୍ରଦ୍ୟୁଷଣ ହୋଇଥାଏ । ଧ୍ୱନିପ୍ରଦ୍ୟୁଷଣ କେବଳ ମଣିଷର ସମସ୍ୟା ନୁହେ ବରଂ ଏହା ଜୀବଜନ୍ତୁ ପଶୁପକ୍ଷୀ ସମସ୍ତଙ୍କପାଇଁ ସମସ୍ୟା ସୃଷ୍ଟି କରେ । ବାୟୁ ପ୍ରଦ୍ୟୁଷଣ ସମସ୍ତ ଜୀବଜଗତ ପାଇଁ ଏକ ସମସ୍ୟା। ଅନେକ ରାଜ୍ୟ ସରକାର ଆତିସବାଜି ବା ବାଣ ଫୁଟାଇବାରେ ଅଙ୍କୁଶ ଲଗାଇଛନ୍ତି । କିଛି ନିର୍ଦ୍ଦିଷ୍ଟ ସମୟ ଭିତରେ ବାଣ ଫୁଟାଇବେ ଏବଂ ତାପରେ ଫୁଟାଇଲେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଘୋଷଣା କରିଛନ୍ତି। ଦିଲ୍ଲୀ ବର୍ତ୍ତମାନ ପ୍ରଦ୍ୟୁଷଣର ସମସ୍ୟା ଘେରରେ ରହିଛି ତେଣୁ ଦିଲ୍ଲୀ ସରକାର ସବୁଜ ଦିଲ୍ଲୀ କରିବା ପାଇଁ ବାଣକୁ ନିଷେଧ କରିଛନ୍ତି। ବାଣ ଫୁଟେଇବା ଦ୍ୱାରା ବାୟୁମଣ୍ଡଳରେ ରାସାୟନିକ ପ୍ରତିକ୍ରିୟା ଦେଖିବାକୁ ମିଳେ ଯାହା ଦ୍ୱାରା ଧୂଆଁ ଭରିଥାଏ ଏବଂ କାର୍ବନ ଡାଇଅକ୍ସାଇଡ, କାର୍ବନ ମନୋକ୍ସାଇଡ ଏବଂ ନାଇଟ୍ରୋଜେନ ଗ୍ୟାସ ସୃଷ୍ଟି ହୋଇଥାଏ। ଏହା ସବୁଜ ଘରର ଗ୍ୟାସ। ଏହା ଦ୍ୱାରା ବାୟୁମଣ୍ଡଳରେ ଉତ୍ତାପ ବଢିଥାଏ। ବେଳେ ବେଳେ ବାଣ ଫୁଟାଇବା ଦ୍ୱାରା କିଛି ପ୍ରଦ୍ୟୁଷଣ ବାୟୁମଣ୍ଡଳରେ ମିଶିଯାଏ ଯାହା ସିଧାସଳଖ ଆମର ଫୁସଫୁସ ଓ ରକ୍ତରେ ମିଶିଯାଏ ଏବଂ ଆମକୁ ଅସୁସ୍ଥ କରିଥାଏ । ଧ୍ୱନିପ୍ରଦ୍ୟୁଷଣ ବଧିର କରିଦେଇଥାଏ। ଏଥିପାଇଁ ରକ୍ତ ଚାପ ବଢିଥାଏ । ନିଦ ହୁଏନାହି । ଦୀପାବଳିର ଆନନ୍ଦ ଆମେ ସେତେବେଳେ ନେଇପାରିବା ଯେତେବେଳ ଯାଏଁ କୌଣସି ଦୁର୍ଘଟଣା ଘଟିନାହି। ଘରେ ଦୀପ ଲାଗିଥାଏ ବାଣ ଫୁଟାଯାଇଥାଏ ଏହି ସବୁ ପାଇଁ ଦୁର୍ଘଟଣା ଘଟିବାର ବହୁତ ସମ୍ଭାବନା ରହିଥାଏ ତେଣୁ ସମସ୍ତେ ସତର୍କତା ଅବଲମ୍ବନ କରି ପର୍ବ ପାଳନ କରିବା କଥା । ଦୀପ ଲଗାଇବାର ପରମ୍ପରାରେ କିଛି କାରଣ ମଧ୍ୟ ରହିଛି । ବର୍ଷା ଦିନ ପରେ ଦୀପାବଳି ଆସିଥାଏ । ବର୍ଷା ଦିନରେ ଅନେକ ପ୍ରକାର କୀଟପତଙ୍ଗ ଜନ୍ମ ନେଇଥାନ୍ତି । ଅବାଞ୍ଛିତ କୀଟପତଙ୍ଗ ଏହି ଦୀପର ନିଆଁ ରେ ଝାସ ଦେଇଥାନ୍ତି । ଆଜିକାଲି ଦୀପ ପରିବର୍ତ୍ତେ ଘରେ ଘରେ ଲିଚୁ ଲାଇଟ ଲଗାଉଛନ୍ତି ଏଥିରେ କୀଟପତଙ୍ଗର କୌଣସି ହାନି ହେଉନାହି ବରଂ ପରିବେଶ ଅଧିକ ଦୂଷିତ ହେଉଛି। ଆମର ସମସ୍ତ ପର୍ବ ପର୍ବାଣୀ ବା ଉତ୍ସବ ଆମ ଜୀବନରେ ଆନନ୍ଦ ଆଣିଥାନ୍ତି । ଭାରତୀୟ ସଂସ୍କୃତିରେ ସମସ୍ତ ପର୍ବ ପର୍ବାଣୀ ଆଧ୍ୟାତ୍ମିକ ଭିତ୍ତିଭୂମି ଉପରେ ଆଧାରିତ। ସମସ୍ତ ନକାରାତ୍ମକ ବିଚାର ଧାରାଠୁ ଅଲଗା ହୋଇ ସକାରାତ୍ମକ ବିଚାର ସହିତ ଏକାକାର ହୋଇଯିବାର ଗୋଟିଏ ପ୍ରୟାସ। ।


Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୬

## ଦେବବ୍ରତ ହେଲେ ଭୀଷ୍ମ-୨



ରାଜାଙ୍କ କଥା ଓ ରଥଚାଳକର କଥା ମିଳେଇ ଦେଖିଲେ ଦେବବ୍ରତ । ସେ ଜାଣିପାରିଲେ ସମସ୍ୟାଟି । ସେ ଚାଲିଲେ ଧୀବର ବସ୍ତି । ଭେଟିଲେ ମୁଖିଆଙ୍କୁ । ରାଜାଙ୍କ ତରଫରୁ ତାଙ୍କ ଝିଅର ହାତ ମାଗିଲେ ।

ଧୀବର ମୁଖିଆ କହିଲା- "ମୋ ଝିଅ ପାଇଁ ରାଜା ଜଣେ ଯୋଗ୍ୟ ପାତ୍ର, ଏଥିରେ ସନ୍ଦେହ ନାହିଁ । କିନ୍ତୁ ଅସୁବିଧା ଗୋଟିଏ । ଯେ, ତୁମେ ରାଜକୁମାର ଭାବେ ଅଭିଷିକ୍ତ ହୋଇଛ । ମୋ ଝିଅଠୁ ଯେଉଁ ପୁଅ ଜନ୍ମହେବ ସେ କ'ଣ କରିବ ? ତୁମେ ଯେଉଁ ପ୍ରସ୍ତାବ ଦେଲ, ରାଜା ନିଜେ ସେହି ପ୍ରସ୍ତାବ ଦେଇଥିଲେ । ଏହି ସମସ୍ୟାଟି ପ୍ରତିବନ୍ଧକ ସୃଷ୍ଟି କରିଛି ।"

ଦେବବ୍ରତ ଶୁଣିଲେ । କହିଲେ- ଠିକ୍ ଅଛି, ମୁଁ ଯୁବରାଜ ହେଲେ ମଧ ତୁମପାଖରେ ଶପଥ କରୁଛି କି ମୁଁ ସିଂହାସନ ଉପରୁ ମୋ ଅଧିକାର ଫେରସ୍ତ ନେଉଛି ।

ଧୀବର ମୁଖିଆ କହିଲେ- ଆଜି ତୁମେ ଯେଉଁ ଶପଥ କଲ, ରାଜକୀୟ ରକ୍ତ ଯାହା ଦେହରେ ପ୍ରବାହିତ ହେଉଥିବ, ସେ କେଉଁ କରିବ ନାହିଁ । ତୁମେ ମହାନ୍ ! କିନ୍ତୁ ହେ ବୀର, ତୁମେ ସିନା ସିଂହାସନର ଦାବିଦାର ହେବନାହିଁ, ତୁମର ପୁତ୍ରମାନେ କାହିଁକି ଦାବି କରିବେ ନାହିଁ ? ସେମାନେ ଯେ ଜ୍ୟେଷ୍ଠ !

ଦେବବ୍ରତ ଶୁଣିଲେ ଧୀବର ମୁଖିଆଙ୍କ ଜଟିଳ ପ୍ରଶ୍ନ । କିନ୍ତୁ ତାଙ୍କ ପାଇଁ ରାଜାଙ୍କର ଇଚ୍ଛା ଅଧିକ ଗୁରୁତ୍ୱ ବହନ କରୁଥିଲା । ସେ ସହସା ଦୁଇହାତ ଉପରକୁ ଟେକି ଏହି ଘୋଷଣା କଲେ: ମୁଁ ଦେବବ୍ରତ, ରାଜା ଶାନ୍ତନୁଙ୍କ ପୁତ୍ର, ଏହି ଶପଥ କରୁଛି କି ମୁଁ ଆଦୌ ବିବାହ କରିବି ନାହିଁ ଏବଂ ସାରା ଜୀବନ ବ୍ରହ୍ମଚାରୀର ଜୀବନ ବଞ୍ଚିବି । ଏହା ସତ୍ୟ ସତ୍ୟ ଶତବାର ସତ୍ୟ ।

ଦେବବ୍ରତଙ୍କ ଠାରୁ ଏହି ଚରମ ଶପଥ ଉଚ୍ଚାରିତ ହେବା ମାତ୍ରେ, ଦେବତାମାନେ ତାଙ୍କ ଉପରେ ପୁଷ୍ପ ବୃଷ୍ଟିକଲେ । ଏବଂ ଚର୍ତୁପାର୍ଶ୍ୱରେ ପ୍ରତିଧ୍ୱନିତ ହେବାକୁ ଲାଗିଲା- ଭୀଷ୍ମ..... ଭୀଷ୍ମ....... ।

ଭୀଷ୍ମ ଶବ୍ଦର ଅର୍ଥ, ଯେଉଁ ମନୁଷ୍ୟ ଏକ ଭୟଙ୍କର ଶପଥ କରେ ଓ ତାକୁ ଅକ୍ଷରେ ଅକ୍ଷରେ ପାଳନକରେ । ସେହି ମୁହୂର୍ତ୍ତରୁ ଦେବବ୍ରତ ପରିଚିତ ହେଲେ ଭୀଷ୍ମ ନାମରେ । ତା'ପରେ ଭୀଷ୍ମ, ଧୀବର କନ୍ୟା ସତ୍ୟବତୀଙ୍କୁ ସାଥିରେ ଧରି ଚାଲିଲେ ପିତା ଶାନ୍ତନୁଙ୍କ ପାଖକୁ ଓ ତାଙ୍କୁ ସମର୍ପିଦେଲେ ।

ସତ୍ୟବତୀଙ୍କର ଦୁଇପୁଅ । ଚିତ୍ରାଙ୍ଗଦ ଓ ବିଚିତ୍ରବୀର୍ଯ୍ୟ । ଯେଉଁମାନେ କି ଜଣକ ପରେ ଜଣେ ହସ୍ତିନାପୁରର ରାଜା ହେଲେ । ବିଚିତ୍ରବୀର୍ଯ୍ୟଙ୍କର ଦୁଇରାଣୀ, ଅମ୍ବିକା ଓ ଅମ୍ବାଳିକା । ଅମ୍ବିକାଙ୍କର ପୁଅ ଧୃତରାଷ୍ଟ୍ର ଓ ଅମ୍ବାଳିକାଙ୍କ ପୁଅ ପଣ୍ଡୁ । ଧୃତରାଷ୍ଟ୍ରଙ୍କଠୁ ଜନ୍ମହେଲେ ଶହେ ପୁଅ, ଯେଉଁମାନେ କି କୌରବ ନାମରେ ପରିଚିତ ହେଲେ । ଏବଂ ପଣ୍ଡୁଙ୍କର ହେଲେ ପାଞ୍ଚପୁଅ, ଯେଉଁମାନେ ପାଣ୍ଡବ ନାମରେ ପରିଚିତ ହେଲେ ।

ଭୀଷ୍ମ ଦୀର୍ଘକାଳ ବଞ୍ଚିଥିଲେ । ଏବଂ କୁରୁକ୍ଷେତ୍ର ଯୁଦ୍ଧ ପର୍ଯ୍ୟନ୍ତ ସେ ସମ୍ମାନିତ ହୋଇଥିଲେ ପିତାମହ ଭୀଷ୍ମ ଭାବରେ । **(କ୍ରମଶଃ ...)**

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*

# ଶୁଭ ଦୀପାବଳି ଆସିଛି

*ସୁରମା ମିଶ୍ର*



ଶୁଭ ଦୀପାବଳୀ ଆସିଛି
ମନରେ ଉତ୍ସାହ ଜାଗିଛି
ଆସଆସ ଭାଇ ସଜବାଜ ହୋଇ
ସଂଜ ବେଳ ଗଡି ଯାଉଛି

ବାପା ପୟାଶ୍ରାଦ୍ଧ କରିବେ
ବଡ ବଡିଆଙ୍କୁ ଡାକିବେ
ଅନ୍ଧାରରେ ଆସି ଆଲୋକେ ଯିବାକୁ
ପିତୃ ପୁରୁଷଙ୍କୁ କହିବେ

ଦୀପଟିଏ ଆମେ ଜାଳିବା
ଅନ୍ଧକାର ଦୂର କରିବା
ଚଉଦିଗେ ଆମେ ଆଲୋକ ବିଛାଡ଼ି
ଧରା ଆଲୋକିତ କରିବା

କାଉଁରିଆ କାଠି ଜାଳିବେ
ହାତ ଉପରକୁ ଟେକିବେ
ସରଗ ଧାମକୁ ଯିବାପାଇଁ ତାଙ୍କୁ
ଆଲୁଅ ଦେଖାଇ ଦେବେ

ଆଜି ଶ୍ୟାମାକାଳୀ ପୂଜାରେ
ମଣ୍ଡପ ହୋଇଛି ସଜାରେ
ମାଆଙ୍କୁ ସ୍ୱାଗତ କରିବା ପାଇଁକି
ବାଜେ ନାନାବିଧ ବାଜାରେ

ସଂହାର କାରିଣୀ ଆସ ଲୋ
ପାପୀଙ୍କୁ କର ବିନାଶ ଲୋ
ନୋହିଲେ ତୋର ଏ ସୁନ୍ଦର ସୃଷ୍ଟିଟି
ହୋଇ ଯିବ ଦିନେ ନାଶ ଲୋ

ଫୁଟାଇବା ନାହିଁ ବାଣ ରେ
ବାୟୁ ହେବ ପ୍ରଦୂଷଣ ରେ
ବୃଦ୍ଧବୃଦ୍ଧା ରୋଗୀ ଛୋଟ ପିଲାମାନେ
ପାଇବେ ବହୁ କଷଣରେ

ହୋଇ ଆମେ ସଚେତନ ରେ
ସ୍ଥିର କରି ଆମ ମନରେ
ବାଣ ନ ଫୁଟାଇ ଦୀପଟିଏ ଜାଳି
ପର୍ବ କରିବା ପାଳନ ରେ

ସଭିଙ୍କୁ ଦେବା ବାରତା
ବାଣର ଅପକାରିତା
ନବୁଝିବ ଯିଏ ବୁଝାଇ ଦେବାରେ
କହି ମିଠାମିଠା କଥା ।

*ବି ଏଲ ୩୯, ଭି ଏସ ଏସ ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

# ମାଟିଦୀପ ଦେବା ଜାଳି

*ନଳିନୀ ଦାଶ*



ଆସିଅଛି ଦୀପାବଳି
ମାଟିଦୀପ ଦେବା ଜାଳି
ମନୁ ପାପ ହିଂସା ହେଇଯାଉ ଦୂର
ସୁଖ ଶାନ୍ତି ଯାଉ ଖେଳି
ବିଜେ ହେଲେ ଶ୍ୟାମାକାଳୀ
ବାଜୁଛି ବାଜା କାହାଳୀ
ପିନ୍ଧେଇବା ନାଲି ମନ୍ଦାରର ମାଳି
ଆଶିଷ ଦେବେ ମା ଢ଼ାଳି
ମରତେ ପିତୃପୁରୁଷ
ଶ୍ରାଦ୍ଧରେ ହେବେ ସନ୍ତୋଷ
ଦୀପଦାନ କରି ଆବାହାନ କଲେ
କରିବେ ସେ ସ୍ୱର୍ଗବାସ
ବନବାସ ଛାଡ଼ି ରାମ
ଆସିଲେ ଅଯୋଧ୍ୟା ଧାମ
ଅଯୋଧ୍ୟାବାସୀଏ ଦୀପାଳି ଜଳେଇ
କରିଥିଲେ ସ୍ୱାଗତମ
କାଉଁରିଆ ଦେବା ଜାଳି
ଭକତିରେ ସଭିଏଁ ମିଳି
ସ୍ନେହଁ ଶ୍ରଦ୍ଧାଭାବ ବାଣ୍ଟିଥାଏ ଆସି
ପରବଟି ଦୀପାବଳି
ନମୋ ନମୋ ମହକାଳୀ
ବିପଦକୁ ଦିଅ ଟାଳି
ଅଜ୍ଞାନ ଅନ୍ଧାର ଅପସରି ଯାଉ
ପୂଣ୍ୟର ଆଲୋକ ଖେଳି
ରଙ୍ଗ ମୁରୁଜରେ ଘର
ଦିଶୁଅଛି କି ସୁନ୍ଦର
ଆଲୋକ ମାଳାରେ ଧରା ଦିଶେ ଶୋଭା
ମନେ ଭକତିଭାବ ଭର
ଘରେ ଘରେ ପିଠାପଣା
ଦୀପାବଳି ମନଜିଣା
ରୋଗ ଦୁଃଖ ସବୁ ହରି ନିଅ ମାଆ
ଝରୁ ସୁଖର ଝରଣା ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ମୋ-୯୨୩୮୯୯୬୬୪୯*

# ଆସିଗଲା ଦୀପାବଳି

*ସୁସ୍ମିତା ଦାସ*

ଆସିଗଲା ଦୀପାବଳୀ
ଆଲୋକର ପରବ -
ସଜାହୁଏ ଘରେ ଘରେ
ପୟାଶ୍ରାଦ୍ଧ ଦରବ,
ଏହିଦିନ ମାଟିଦୀପ
ଦାଉ ଦାଉ ଜଳିବ -
ମଣ୍ଡାପିଠା ଖାଇବାକୁ
ମନ ଆମ ବଳିବ,
ରାତିସାରା ଢୋଅ ଢ଼ାଆ
ବାଣ ଖାଲି ଫୁଟିବ -
ମାମାଲି ପରି ସାଙ୍ଗଟେ
ଶ୍ରୀମାଲିକୁ ଜୁଟିବ,
ବଡ଼ ବଡୁଆ ଆମର
ଅନ୍ଧାରରେ ଆସିବେ -
ଶ୍ରଦ୍ଧା ମନେ ଶ୍ରାଦ୍ଧ ଘେନି
ଆମ ଦୁଃଖ ନାଶିବେ,
ଗଲାବେଳେ ଆଲୁଅରେ
ଫେରିବେ ତ ଘରକୁ -
ସଭିଏଁ ଡାକିବା ପୁଣି
ତାଙ୍କୁ ଆର ଥରକୁ,
ମାଆ କାଳୀଙ୍କର ପୂଜା
ଠାବେ ଠାବେ ହୋଇବ -
ତାଙ୍କ କରୁଣା ବାରିରେ
ସବୁ ପାପ ଧୋଇବ ।

*ଯାଜପୁର, ଓଡ଼ିଶା*

# ଜ୍ଞାନର ଦୀପଟି ଜାଳିଦେବା

*ଅନନ୍ତ କୁମାର ସେନାପତି*

ଶହେ ଦୀପ ଜାଳି ସଜାଇ ରଖିଲେ
ଚଉରିପାଖ ଆମ ଆଲୋକ ହୁଏ ,
ଗରଭରୁ ତା 'ର ସରିଗଲେ ତେଲ
ଖୁସିର ଆଲୋକ ଆଉ ନ ଥାଏ

ଗୋଟିଏ ସୂରୁଜ ସାରା ଜଗତକୁ
ବିତରି ପାରିଛି ଯେଉଁ ଆଲୋକ,
ସେ ଆଲୋକ ଶିଖା ଯାଏନି ମଉଳି
ବୁଣି ଥାଏ ନିତି ନୂଆ ମହକ

ଗୁଣୀ ପୂଜା ପାଏ ସବୁରି ହୃଦୟେ
ଅଜ୍ଞାନ ଅନ୍ଧାର ପାରଇ ନାଶି,
କ୍ଷୁଦ୍ର ହେଉ ପଛେ ଖଦ୍ୟୋତ ଦେଖାଏ
ଟିକି ଆଲୋକଟେ ରାତିରେ ହସି

ଯେଉଁ ବଳ, ବୁଦ୍ଧି ବଢାଏ ପ୍ରଗତି
ସେହି ପଥ ପ୍ରଭୁ ଦିଅ ଦେଖାଇ ,
ମନ ଦୀପ ଟିରେ ବିବେକ ସଳିତା
ଜଳାଇ ପାରିଲେ ହସିବ ମହୀ

ଜ୍ଞାନର ଦୀପଟି ଜାଳି ଦେବା ଆସ
ଅଜ୍ଞାନ ଅନ୍ଧାର ଯିବ ଦୁରେଇ ,
ଦୀପାଳି ପରବେ କରିବା ଶପଥ
ସଭିଏଁ ସୁଖରେ ପାରନ୍ତୁ ରହି ।

*ବାଣ୍ଟୁପଡା, ରେଲୱେ ସାଇଡିଙ୍ଗ ଏରିଆ, ରାଜଗାଙ୍ଗପୁର, ସୁନ୍ଦରଗଡ଼*
*ଫୋନ-୭୦୦୮୩୦୪୨୨୫*





# କୁନି ଝିଅର ମାଗୁଣି

*କମଳିନୀ ମଲ୍ଲିକ*

ଚଉଁରା ମୂଳରେ
ବସି ନିରବରେ
କୁନିଝିଅ ଦୀପ ଜାଳୁଛି
କେତେ କଥା ମନେ ଭାବୁଛି
ଅମା ଅନ୍ଧକାର କରିବାକୁ ଦୂର
ଦୀପାବଳି ପରା ଆସିଛି ॥
ଅମାବାସ୍ୟା ତିଥି
ଘୋର କାଳ ରାତି
ସାରା ଧରଣୀକୁ ଘୋଟିଛି
ଜହ୍ନ ତାରା ଲୁଚି ଯାଇଛି
ମରତରେ ବିଜେ ମାତା ମହାକାଳୀ
ଘଣ୍ଟଘଣ୍ଟା ଶଙ୍ଖ ବାଜୁଛି ॥
ଅନ୍ଧାର ଦୂରେଇ
ଦୀପ ଯେ ଜଳଇ
ଆଲୋକ ଝଲସି ଉଠୁଛି
କେତେ ରଙ୍ଗେ ବାଣ ଫୁଟୁଛି
ମାଆଙ୍କ ବନ୍ଦନା, ପୂଜା ଆରାଧନା
ମହା ଆଡମ୍ବରେ ଚାଲିଛି ॥
କୁନିଝିଅ କହେ
ଶୁଣ ମହାମାୟେ
ଯାହା ମୋ ମନରେ ଭାବୁଛି
ମଣିଷ ଜାତି କି ହେଜୁଛି
ଅଜ୍ଞାନ ଅନ୍ଧାରେ ବାଟ ହୁଡି ଚାଲେ
ଅନ୍ୟାୟ ଅଧର୍ମ ବଢୁଛି ॥
ଆଜି ଏ ଲଗନେ
ତୁମରି ଚରଣେ
ଏତିକି ଗୁହାରୀ କରୁଛି
ସଂସାର ମଙ୍ଗଳ ଚାହୁଁଛି
ଆଲୋକର ପଥେ ଚାଲନ୍ତୁ ସମସ୍ତେ
ଏହି ଆଶୀର୍ବାଦ ମାଗୁଛି ॥

*ଆଇ.ଭି. ୪୫/୧ ୟୁନିଟ୍- ୧, ଭୁବନେଶ୍ୱର*
*ମୋ- ୯୮୫୩୫୨୩୮୮୩*

# ଦୀପାବଳି

*ଦିନବନ୍ଧୁ ପୋଇ*

ହେଲେ ଦୀପାବଳୀ ଜାଳିବେ ଦୀପାଳି
ପିଲାଏ ହେଲେଣି ଖୁସି
ନାନା ପରକାର ରଙ୍ଗିନ ଲାଇଟ
କିଣିବେ ବଜାରୁ ଆସି
କିଏ ଛାତ ପରେ କିଏ ଫାଟକରେ
ସଜେଇବେ ହେଲେ ସଂଜ
ଏକଥା ବିଚାରି କଲାଣି ଗୁହାରି
ଅଜା ପାଖେ ନାତି ଭଞ୍ଜ
ଟଙ୍କା ଦିଅ ଅଜା ଆମେ ନେବୁ ମଜା
କିଣି ବଜାରରୁ ବାଣ
ବଡ଼ ବଡୁଆଙ୍କ ବିଦାୟ ବେଳାରେ
ଫୁଟାଇବୁ ଶିଶୁ ଗଣ
ଶୁଣିଣ ଗୁହାରି ଅଜା ଗେଲ କରି
କହିଲେ ନାତିଆ ଶୁଣ
ସର୍ତ୍ତ ମୋ ରଖିଲେ ଯେତେ ତୁ ଚାହିଁଲେ
ଟଙ୍କା ଦେବି ମୁହିଁ ଜାଣ
ମୋ କଥାକୁ ଶୁଣ ମାଟି ଦୀପ କିଣ
ଭର ତହିଁ ଦେଶୀ ଘିଅ
ଦୁଆର ବନ୍ଧରେ ଜାଳି ଦେଇ ଦୀପ
ପ୍ରଭୁଙ୍କୁ ସମର୍ପି ଦିଅ
ପରିବେଶ ଶୁଦ୍ଧ ପୋକ ହେବେ ବଧ
ପ୍ରକୃତି ଶୃଙ୍ଖଳ ନୀତି
ନ ଫୁଟାଇ ବାଣ ଆହେ ଶିଶୁ ଗଣ
ଜାଳି ଦିଅ ଘିଅ ବତି
ଫୁଟାଇଲେ ବାଣ କ୍ଷତ ହେବ ଅଙ୍ଗ
ଦୂଷିତ ବି ହେବ ବାୟୁ
ଅକାଳରେ ନର ଜୀବନ ଯେ ଯିବ
ଥାଉ ଥାଉ ତାଙ୍କ ଆୟୁ
ଶୁଣି ଅଜା କଥା ନୁଆଇଁ ତା ମଥା
ନିଷ୍ପତ୍ତି ନେଲା ସେ ମନେ
ଯାହା ହେବ ଭଲ କରିବାକୁ ସିଏ
କହିଲା ଅଜାର କାନେ ।

*ଗୋରଡାପାଳ,କରମୂଳ,ଢେଙ୍କାନାଳ*
*ମୋ-୯୯୩୮୮୦୨୪୧୨*



# ଆସିଛି ଦୀପାବଳି

*ରମାକାନ୍ତ ଦାସ*



ଅନ୍ଧାରକୁ ଚିରି ଆସିଅଛି ଆଜି
ଆଲୋକର ପର୍ବ ଦୀପାବଳି
ଅଧର୍ମର ନାଶ ସୂଚଇ ଦିଏ ସେ
ମାଟିର ପ୍ରଦୀପ ଜାଳି
ବନବାସ ସାରି ରାମଚନ୍ଦ୍ର ଯେବେ
ଫେରିଲେ ଅଯୋଧ୍ୟା ରାଜ୍ୟେ
ସ୍ୱାଗତ ନିମନ୍ତେ ପୁରପଲ୍ଲୀ ସାରା
ଦୀପ ଜାଳିଥିଲେ ସର୍ବେ
ଆଲୋକର ପର୍ବ ଅଟେ ଦୀପାବଳି
ସଭିଏଁ ମିଶି ପାଳନ୍ତି
କାଉଁରିଆ କାଠି ପ୍ରଜ୍ୱଳିତ କରି
ପୂର୍ବ ପୁରୁଷଙ୍କୁ ସ୍ମରଣ କରନ୍ତି
ପିତୃ ପୁରୁଷଙ୍କୁ ଆଲୋକ ଦେଖାଇ
ସ୍ୱର୍ଗ ଲୋକକୁ ଫେରିଯିବା ପାଇଁ
ପ୍ରାର୍ଥନା କରନ୍ତି
ବାଇଶି ପାହାଚେ ପିଣ୍ଡଦାନ କରି
ପିତୃଗଣଙ୍କ ଆଶୀର୍ବାଦ
କାମନା କରନ୍ତି
ଗାଁରୁ ସହର ସବୁଆଡେ
ଦିଶୁଥାଏ ଆଲୋକିତ
ଘର ଓ ଅଗଣା ଦୀପ, ମୁରୁଜରେ
ହୋଇଥାଏ ସଜ୍ଜିତ
ହସ ଓ ଖୁସିର ପରବ
ଅଟଇ ଦୀପାବଳି
ସଭିଁଙ୍କ ମନରୁ ଦୂର କରେ
ଖୁସିର ପ୍ରଦୀପ ଜାଳି ।

*ନନ୍ଦିଗ୍ରାମ, ନାଉଗାଁ,*
*ଜଗତସିଂହପୁର*
*ମୋ -୯୬୬୮୮୧୫୩୬୯*

# ସଂସ୍କାର ଆଲୁଅ ଧରି

*କୀର୍ତ୍ତନ ସାହୁ*



ଆସି ଅଛି ଦୀପାବଳି
ଖେଳିବା ବୁଲିବା
ମଜା କରିବାରେ
ଗାଆଁରୁ ସହର ଗଳି

ବାଣ ଫୁଟାଇବା ଆମେ
ଢୋ ' ଢା ' ବାଣ
ଫୁଟାଇବା ନାହିଁ
ବିପଦ ଟାଳିବା କାମେ

ଅନ୍ଧାର ଦୂରେଇ ଦେବା
ଦୀପ ବତୀ ଜାଳି
ଆଲୁଅ କରିବା
କେତେ ମଜା ଖୁସି ହେବା

ଗୁରୁଜନ ପାଦେ ନମି
ଆଶିଷ ନେଇକି
କାମେ ଲାଗି ଯିବା
କାହିଁରେ ନ ଥିବ କମି

ମାଆ କାଳୀ ପୂଜା କରି
ଅଜ୍ଞାନ ଅନ୍ଧାର
ଦୂରେଇ ଦେବାରେ
ସଂସ୍କାର ଆଲୁଅ ଧରି ।

*ମିଶ୍ର କଲୋନୀ, ଶାଳ ପଡ଼ା, କେନ୍ଦୁଝର*
*ଦୂର ଭାଷ - ୯୪୩୮୪୧୪୭୦୧*

# ଦୀପାବଳି ଆଜି ଦୀପାବଳି

*ପ୍ରଫୁଲ୍ଲ କୁମାର ସାହୁ*



ଦୀପାବଳି ଆଜି ଦୀପାବଳି
ଦୁଆରେ ଦୁଆରେ ଦୀପ ଜାଳି
ପରିବାର ଜନ ମିଶି,
ବରଷକେ ଥରେ ଦୀପାବଳି ପର୍ବ
ପାଳୁଛନ୍ତି ହୋଇ ଖୁସି । ୧

ଦୀପ ଆଲୋକରେ ଦାଣ୍ଡ ଦୁଆର
ଦେଖରେ ଦିଶଇ କି ମନୋହର
ସଞ୍ଜ ଯେବେ ଆସେ ନଇଁ,
ପିଲାଏ ଫୁଟାନ୍ତି ନାନା ଜାତି ବାଣ
ଦେଖରେ ଏକାଠି ହୋଇ । ୨

ନିଜ ଘର ଲୋକେ ଏକାଠି ମିଳି
କାଉଁରିଆ କାଠି ବିଡାକୁ ଜାଳି
ପୂର୍ବ ପୁରୁଷଙ୍କ ପାଇଁ,
ଆଲୋକ ଦେଖାଇ ଆଶିଷ ମାଗନ୍ତି
ଚଉଁରା ପାଖରେ ଯାଇ । ୩

ମଣ୍ଡପରେ ବିଜେ ମା ' ମହାକାଳୀ
ଭକତ ଜଣାନ୍ତି ନିଜର ଅଳି
ନନା କରୁଛନ୍ତି ପୂଜା,
ବିଜୁଳି ଆଲୋକେ ହସଇ ତୋରଣ
ଦେଖି ଲାଗେ ବଡ଼ ମଜା । ୪

ଭାଇଚାରା ଭାବ ରଖି ମନରେ
ଦୀପାବଳି ପାଳୁ ଆଜ ଦିନରେ
ଜଗତର ହିତ ପାଇଁ,
ମାଆଙ୍କ ଆଶିଷ ମିଳିଲେ ସଭିଙ୍କୁ
ପାରିବା ଆଗକୁ ଯାଇ । ୫

*ଯଦୁ ମାଳତୀ କୃପା ନିବାସ, ଶକ୍ତି ବିହାର/ ବାଲିପଡ଼ା, ମାହାଙ୍ଗା, କଟକ -୭୫୪୨୦୭,*
*ମୋ -୭୬୦୯୦୪୪୩୮୩*

# ଦୀପାବଳି ପାଳିବା

*ଧୀରେନ୍ଦ୍ର ମଲ୍ଲିକ*




ଦୀପାବଳୀ ଆସିଗଲା
ଖୁସି ଆମେ ହେବାରେ ,
ଦୀପଜାଳି ଆନନ୍ଦରେ
ଭାରି ମଜା ନେବାରେ
ଟଙ୍କା ଖର୍ଚ୍ଚ କରିବାନି
ଲିଚୁ ବାଣ ମଗେଇ ,
ସେଇ ଟଙ୍କା ଦେଶ ହିତେ
ଦେବା ଆମେ ଲଗେଇ
ଅନ୍ଧ ଦୁଃଖୀ ପାଇଁ ଭଲ
ଚିନ୍ତା କିଛି କରିବା ,
ଦୁରେଇ ଜୀବନେ ଅମା
ଆଲୋକ ଯେ ଭରିବା
ଟିକେ ଖୁସି ଲାଗି ସେ ଯେ
ରହିଥାନ୍ତି ଚାହିଁକି ,
ତାଙ୍କ ସେବା ହାତଛଡା
କରିବା ବା କାହିଁକି
ତାଙ୍କ ମେଳେ ହରଷରେ
ଦୀପାବଳୀ ପାଳିବା ,
ମୁଖେ ମିଠା ଖୁଆଇକି
ଶ୍ରଦ୍ଧା ଦୀପ ଜାଳିବା
ଏହା ଦେଖି ଭଗବାନ
ଆନନ୍ଦିତ ହୋଇବେ ,
ଆଶିଷ ଅଜାଡ଼ି ମାଥେ
ହାତ ତାଙ୍କ ଥୋଇବେ ।

*ନୀଳକଣ୍ଠପୁର, ମଙ୍ଗଳପୁର, ଯାଜପୁର*
*ଫୋନ - ୭୯୦୪୩୯୨୬୮୬*

# ଆସେ ଦୀପାବଳି

*କବିରତ୍ନ ନୂତନ କୁମାର ବେହେରା*



ଆସେ ଦୀପାବଳି
ହସ ଖୁସି ମନେ ପାଳି,
ପୂଜିବା ମା' କାଳୀ
ଘର ପଡିବ ଉଛୁଳି
ବାଣ ଫୁଲଝରି
ତାଳ ଫୋଟକାକୁ ଧରି,
ନାଚି ଖେଳି କରି
ଫୁଟାଇବା ମନ ଭରି
ସାଙ୍ଗ ସାଥୀ ମିଶି
ପାଳିବା ଏକାଠି ଆସି,
ବାପା ମାଆ ବସି
ଦେଖି ଉଠୁଥିବେ ହସି
ହେବ କେତେ ମଜା
ବାଜୁଥିବ ଗୀତ ବାଜା,
ଯାହା ହେବ ଖୋଜା
ଆଣି ଦେବେ ଜେଜେ ଅଜା
ଦୀପ ଧୂପ ଜାଳି
ମାରୁଥିବା ଆମେ ତାଳି,
ଜଣେ ଜଣେ ପାଳି
କରି ଆମେ ଯିବୁ ଖେଳି
କାହା ସାଥେ କଳି
କରିବାନି କେବେ ମିଳି,
ସବୁ ଆମ ଭଳି
ଏ କଥା ଦେବାନି ଟାଳି
ସୂତା ଜାମା ପିନ୍ଧି
ବାଣ ଫୁଟାଇବା ବିଧି,
କଲେ ସ୍ଥିର ବୁଦ୍ଧି
ହେବ ସବୁ ଆମ ସିଦ୍ଧି
ସାବଧାନେ ବାଣ
ଯେତେ ଫୁଟାଇଲେ ଜାଣ,
ବିପଦ କାରଣ
କି ହେବାନି ହଇରାଣ
ହୁସିଆର ହୋଇ
ବିପଦେ ପଡେନା କେହି,
ସୁବିଚାର କରି
ଭଲକାମେ ଜିତୁ ମହୀ ।

*କୋହି, ବାରିପଦା, ମୟୂରଭଞ୍ଜ,*
*ଦୂରଭାଷା-୮୦୧୮୩୫୩୩୨୨*

# ଜାଳରେ ଜାଳ ଦୀପ ଜାଳ

*ନୀଳମଣି ଚନ୍ଦ*

ବାଣ ଫୁଟୁଛି ଢୋଓ ଢା
ପାଟି ଶୁଭୁଛି ଘୋଓ ଘା
କୁହରେ ପିଲେ କାହିଁକି
ଆଜି ହେଉଛି ଆଲୁଅ ପର୍ବ
ଏକଥା ଜଣା ନାଇଁକି

ସଅର ସର ଝିଇର ଝିରି
ଚକ୍ରି ବୁଲୁଛି ଘିଇରି ଘିରି
କେତେଯେ ବାଣ ଫୁଟିବ
ଅନ୍ଧାର ଗାଦି ଟଳମଳ
ଲାଗୁଛି ସିଏ ଉଠିବ

ଜାଳରେ ଜାଳ ଦୀପଟି ଜାଳ
ଝୁଲେଇ ଦିଅ ଲିଚୁର ମାଳ
ସବୁ ସହର ଗାଆଁରେ
ଜାଣରେ ଜାଣ ଦୀପାବଳି
ଆଉ ଗୋଟେ ତା ନାଆଁରେ

ରଖରେ ରଖ ମନରେ ରଖ
ଏଇ ପରବ ସରିବା ତକ
ରାସାୟନିକ ବାଣଟି
କିଣିବା ନାହିଁ, ଫୁଟେଇବାନି
ଏ ଭଲକଥା ଜାଣଟି ।



*ମନ୍ତ୍ର ମାନୋର, ଗୋଠପାଠଣା, ଭୁବନେଶ୍ୱର*
*ମୋ:୯୫୮୩୨୦୨୩୫୭*

# ଚାମ୍ପିୟନ୍ସ ଟ୍ରଫିକୁ ନେଇ ଭାରତକୁ ବଡ଼ ଆହ୍ୱାନ ଦେଲେ ପାକିସ୍ତାନର ନୂଆ ଅଧିନାୟକ



**ନୂଆଦିଲ୍ଲୀ**

ଆସନ୍ତା ବର୍ଷ ହେବାକୁ ଥିବା ଆଇସିସି ଚାମ୍ପିୟନ୍ସ ଟ୍ରଫିର ଭେନ୍ୟୁକୁ ନେଇ ଅଚଳାବସ୍ଥା ଜାରି ରହିଛି। ଏହି ପ୍ରସଙ୍ଗରେ ପାକିସ୍ତାନର ନୂଆ ଦିନିକିଆ ଓ ଟି-୨୦ ଅଧିନାୟକ ମହମ୍ମଦ ରିଜୱାନ ବଡ଼ ବୟାନ ଦେଇଛନ୍ତି। ଚାମ୍ପିୟନ୍ସ ଟ୍ରଫି ପାଇଁ ଭାରତୀୟ ଟିମ୍ ପାକିସ୍ତାନ ଗସ୍ତ କରିବାର ସମ୍ଭାବନା କ୍ଷୀଣ। ବିସିସିଆଇ ନିୟମିତ ଭାବେ ବିକଳ୍ପ ସ୍ଥାନ ବାଛିବାକୁ ଚାପ ପକାଇ ଚାଲିଛି। ତେବେ ପାକିସ୍ତାନ କ୍ରିକେଟ ବୋର୍ଡ ଟୁର୍ଣ୍ଣାମେଣ୍ଟର ଭେନ୍ୟୁ ଯେମିତି ଦେଶ ବାହାରକୁ ନ ଯିବ, ସେକାମରେ ଲାଗି ପଡ଼ିଛି। ତଥାପି ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରି ନାହିଁ। ଏସବୁ ଭିତରେ ବାବର ଆଜମଙ୍କ ସ୍ଥାନ ନେଇଥିବା ରିଜୱାନ ଭାରତୀୟ ଟିମକୁ ବଡ଼ ବାର୍ତ୍ତା ଦେଇଛନ୍ତି। ଚାମ୍ପିୟନ୍ସ ଟ୍ରଫି ପାଇଁ ସେ ଭାରତୀୟ ଟିମକୁ ପାକିସ୍ତାନ ଆସିବା ପାଇଁ ପରାମର୍ଶ ଦେଇଛନ୍ତି।

ସେ କହିଛନ୍ତି, "ଏଠାକାର ଫ୍ୟାନ୍ସ ଭାରତୀୟ କ୍ରିକେଟରଙ୍କୁ ଭଲ ପାଆନ୍ତି। ଭାରତୀୟ ଟିମ ପାକିସ୍ତାନରେ ଖେଳୁଥିବା ଦେଖି, ସେମାନେ ନିଶ୍ଚିତ ଆନନ୍ଦିତ ହେବ। ଯଦି ସେମାନେ (ଭାରତୀୟ ଟିମ୍) ଏଠାକୁ ଆସିବେ, ଆମେ ସେମାନଙ୍କୁ ଭବ୍ୟ ସ୍ୱାଗତ କରିବୁ।" ପାକିସ୍ତାନ ଫେବୃଆରୀ ୧୯ରୁ ମାର୍ଚ୍ଚ ୯ ଯାଏ ଚାମ୍ପିୟନ୍ସ ଟ୍ରଫି ଆୟୋଜନ କରିବାର କାର୍ଯ୍ୟକ୍ରମ ରହିଛି। ୨୦୦୮ ଏସିଆ କପ ଠାରୁ ପାକିସ୍ତାନରେ ଭାରତୀୟ ଟିମ୍ କୌଣସି ମ୍ୟାଚ୍ ଖେଳି ନାହିଁ। ସେହିପରି ୨୦୧୩ରୁ ପାକିସ୍ତାନ ଓ ଭାରତ ମଧ୍ୟରେ କୌଣସି ଦ୍ୱିପାକ୍ଷିକ ସିରିଜ ହୋଇନାହିଁ। ଆତଙ୍କବାଦ ପ୍ରସଙ୍ଗକୁ ଦୁଇ ଦେଶ ମଧ୍ୟରେ ତିକ୍ତତା ଚାଲିଥିବାରୁ ଭାରତ ଓ ପାକିସ୍ତାନ ମଧ୍ୟରେ କୌଣସି ପ୍ରକାରର ଦ୍ୱିପାକ୍ଷିକ ସିରିଜ ହେଉ ନାହିଁ। ଉଭୟ ଦେଶ କେବଳ ଆଇସିସି ଇଭେଣ୍ଟରେ ମୁହାଁମୁହିଁ ହେଉଛନ୍ତି। ୨୦୨୩ ଦିନିକିଆ ଏସିଆ କପ୍ ମଧ ପାକିସ୍ତାନ ଆୟୋଜନ କରିଥିଲା। ହେଲେ ଭାରତ ହାଇବ୍ରିଡ ମଡେଲ ଅନୁସାରେ ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିଥିଲା ଏବେ ମଧ ବିସିସିଆଇ ଚାମ୍ପିୟନ୍ସ ଟ୍ରଫିରେ ସମାନ ନୀତି ଆପଣାଇବା ଲକ୍ଷ୍ୟରେ ରହିଛି।।

# ଆଇସିସି ର୍ୟାଙ୍କିଙ୍ଗ : ତଳକୁ ଖସିଲେ ବୁମ୍ରା, ୧ନଂ ସ୍ଥାନ ଦଖଲ କଲେ ରବାଡ଼ା

**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆର ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍ରା ଆଉ ଟେଷ୍ଟ କ୍ରିକେଟର ୧ନଂ ବୋଲର ନୁହନ୍ତି। ଦୀର୍ଘ ସପ୍ତାହ ହେଲାଣି ବୁମ୍ରା ଆଇସିସି ଟେଷ୍ଟ ବୋଲିଂ ର୍ୟାଙ୍କିଙ୍ଗର ୧ନଂ ସ୍ଥାନରେ ରହିଥିଲେ। କିନ୍ତୁ ଏଥର ତାଙ୍କୁ ପଛକୁ ଠେଲି ଦେଇଛନ୍ତି ଦକ୍ଷିଣ ଆଫ୍ରିକାର ଦ୍ରୁତ ବୋଲର କାଗିସୋ ରବାଡା। ବର୍ତ୍ତମାନ ରବାଡା ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗର ୧ନଂ ସ୍ଥାନ ଦଖଲ କରିଛନ୍ତି।



ବାଂଲାଦେଶ ବିପକ୍ଷ ମୀରପୁର ଟେଷ୍ଟରେ ରବାଡା ୨ଟି ଇନିଂସରେ ୯ ୱିକେଟ ଦଖଲ କରିଥିଲେ। ତାଙ୍କର ଏହି ପ୍ରଦର୍ଶନ ବଳରେ ଦକ୍ଷିଣ ଆଫ୍ରିକା ୭ ୱିକେଟରେ ବାଂଲାଦେଶ ବିପକ୍ଷ ଟେଷ୍ଟକୁ ଜିତିଥିଲା। ଏହି ଦମ୍‌ଦାର ପ୍ରଦର୍ଶନ ଯୋଗୁ ରବାଡ଼ା ୩ଟି ସ୍ଥାନ ଉପରକୁ ଉଠି ର୍ୟାଙ୍କିଙ୍ଗର ୧ନଂ ସ୍ଥାନରେ ପହଞ୍ଚି ଯାଇଛନ୍ତି। ଉକ୍ତ ମ୍ୟାଚ୍‌ରେ ରବାଡ଼ା ତାଙ୍କ ଟେଷ୍ଟ କ୍ୟାରିୟରର ୩୦୦ ୱିକେଟ ଦଖଲ କରିବାର ରେକର୍ଡ ମଧ କରିଥିଲେ।

୨୯ ବର୍ଷୀୟ ରବାଡା ପ୍ରଥମଥର ପାଇଁ ୨୦୧୮ରେ ଟେଷ୍ଟ ର୍ୟାଙ୍କିଙ୍ଗର ୧ନଂ ସ୍ଥାନ ଦଖଲ କରିଥିଲେ। ହେଲେ ୨୦୧୯ ଫେବୃଆରୀରେ ତାଙ୍କୁ ତଳକୁ ଖସିବାକୁ ପଡ଼ିଥିଲା। ଏବେ ସେ ପୁଣି ବୁମ୍ରାଙ୍କୁ ଶୀର୍ଷରୁ ହଟାଇ ୧ନଂ ସ୍ଥାନରେ ପହଞ୍ଚିଛନ୍ତି। ବୁମରା ୨ଟି ସ୍ଥାନ ତଳକୁ ଖସି ର୍ୟାଙ୍କିଙ୍ଗର ୩ ନମ୍ବର ସ୍ଥାନରେ ଅଛନ୍ତି। ତାଙ୍କ ଉପରେ ଅଷ୍ଟ୍ରେଲିଆର ଭେଟରାନ ଦ୍ରୁତ ବୋଲର ଜୋଶ୍ ହେଜେଲଉଡ୍ ରହିଛନ୍ତି।

ଟପ୍ ୧୦ ଟେଷ୍ଟ ବୋଲିଂ ରାଙ୍କିଙ୍ଗରେ ନୂଆ ମୁହଁ ଭାବେ ପାକିସ୍ତାନର ବାମହାତୀ ସ୍ପିନର ନୋମାନ ଅଲୀ ପ୍ରବେଶ କରିଛନ୍ତି। ଇଂଲଣ୍ଡ ବିପକ୍ଷ ସିରିଜରେ ଦମ୍‌ଦାର ପ୍ରଦର୍ଶନ ଯୋଗୁ ନୋମାନ ସିଧା ୮ଟି ସ୍ଥାନ ଉପରକୁ ଉଠି ରାଙ୍କିଙ୍ଗର ୯ମ ସ୍ଥାନରେ ପହଞ୍ଚି ଯାଇଛନ୍ତି। ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ୧୩ଟି ୱିକେଟ ନେଇଥିବା ନ୍ୟୁଜିଲାଣ୍ଡର ମିଚେଲ ସାଣ୍ଟନର ୩୦ଟି ସ୍ଥାନ ଉପରକୁ ଉଠି କ୍ୟାରିୟରର ଶ୍ରେଷ୍ଠ ୪୪ତମ ସ୍ଥାନ ଦଖଲ କରିଛନ୍ତି।

ଟପ୍ ୧୦ରେ ଭାରତର ଅନ୍ୟତମ ସ୍ପିନର ରବୀନ୍ଦ୍ର ଜାଡ଼େଜା ଅଛନ୍ତି। ସେ ପୂର୍ବରୁ ୬ଷ୍ଠ ସ୍ଥାନରେ ଥିବା ବେଳେ ଏବେ ୮ମକୁ ଖସି ଯାଇଛନ୍ତି। ୬ଷ୍ଠ ସ୍ଥାନରେ ପୂର୍ବଭଳି ଅଷ୍ଟ୍ରେଲିଆର ନାଥନ ଲାୟନ, ୭ମରେ ଶ୍ରୀଲଙ୍କାର ପ୍ରଭାତ ଜୟସୂରିୟା ଓ ୧୦ମ ସ୍ଥାନରେ ନ୍ୟୁଜିଲାଣ୍ଡର ମ୍ୟାଟ ହେନରୀ ରହିଛନ୍ତି।

ବ୍ୟାଟିଂ ରାଙ୍କିଙ୍ଗ କଥା ବିଚାରକୁ ନେଲେ ଇଂଲଣ୍ଡର ଜୋ ରୁଟ୍ ପ୍ରଥମ ସ୍ଥାନରେ ଥିବା ବେଳେ ଦ୍ୱିତୀୟରେ କେନ ୱିଲିୟମସନ ଓ ତୃତୀୟ ସ୍ଥାନରେ ଭାରତର ଯଶସ୍ୱୀ ଜୈସୱାଲ ରହିଛନ୍ତି। ପୂର୍ବରୁ ଟପ ୧୦ରେ ଥିବା ଭାରତର ଋଷଭ ପନ୍ତ ଗୋଟିଏ ସ୍ଥାନ ତଳକୁ ଖସି ୧୧ନଂ ସ୍ଥାନରେ ପହଞ୍ଚିଛନ୍ତି।

# ଅଲରାଉଣ୍ଡର ୱାଶିଂଟନ ସୁନ୍ଦରଙ୍କ ବଢ଼ିଲା ଦାମ୍ ଏବେ କୋଟି କୋଟି ଟଙ୍କାରେ ହେବେ ବିକ୍ରି

**ନୂଆଦିଲ୍ଲୀ**

ନିକଟରେ ପୁଣେରେ ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚ୍‌ରେ ୱାଶିଂଟନ ସୁନ୍ଦର ଚମତ୍କାର ପ୍ରଦର୍ଶନ କରିଥିଲେ। ବୋଲିଂ ସହିତ ସେ ବ୍ୟାଟିଂରେ ମଧ ନିଜର ଶକ୍ତି ପ୍ରଦର୍ଶନ କରିଥିଲେ। ଆଇପିଏଲ ୨୦୧୫ର ମେଗା ନିଲାମରେ ସୁନ୍ଦର ଏଥିରୁ ଉପକୃତ ହେବାକୁ ଯାଉଛନ୍ତି। ସୁନ୍ଦରଙ୍କୁ କିଣିବା ପାଇଁ ତିନି ଦଳ ଯୋଗାଯୋଗ କରିଛନ୍ତି। ଚେନ୍ନାଇ ସୁପର କିଙ୍ଗ୍ସ, ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଗୁଜରାଟ ଟାଇଟାନ୍ସ ସୁନ୍ଦରଙ୍କ ଉପରେ ବଡ଼ ଟେଣ୍ଡର କରିପାରିବେ।



ପୁଣେ ଟେଷ୍ଟରେ ଟିମ୍ ଇଣ୍ଡିଆ ପାଇଁ ସୁନ୍ଦର ପ୍ରଦର୍ଶନ କରିଥିଲେ। ସେ ଦୁଇଟି ଇନିଂସରେ ମୋଟ୍ ୧୧ ଉଇକେଟ ନେଇଥିଲେ। ଭାରତ-ନ୍ୟୁଜିଲାଣ୍ଡ ଟେଷ୍ଟ ସିରିଜ୍‌ରେ ସର୍ବାଧିକ ଉଇକେଟ ନେଇ ସେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ସେ ଭାରତୀୟ ଖେଳାଳି ତାଲିକାରେ ଏକ ନମ୍ବରରେ ଅଛନ୍ତି। ସୁନ୍ଦର ବ୍ୟାଟିଂରେ ମଧ ଚମତ୍କାର ପ୍ରଦର୍ଶନ କରିଥିଲେ। ସେ ପ୍ରଥମ ଇନିଂସରେ ୧୮ ଅପରାଜିତ ରନ ଏବଂ ଦ୍ୱିତୀୟ ଇନିଂସରେ ୨୧ ରନ ସଂଗ୍ରହ କରିଥିଲେ। ସୁନ୍ଦରଙ୍କ ପ୍ରଦର୍ଶନକୁ ଦେଖିଲେ ସେ ଆଇପିଏଲ ନିଲାମ୍‌ରେ ବିପୁଳ ପରିମାଣର ଅର୍ଥ ପାଇପାରନ୍ତି। ସୁନ୍ଦର ଏପର୍ଯ୍ୟନ୍ତ ଆଇପିଏଲରେ ମୋଟ ୬୦ଟି ମ୍ୟାଚ୍ ଖେଳିଛନ୍ତି। ସେ ୩୭୮ ରନ ସ୍କୋର କରିଛନ୍ତି। ଏହା ସହିତ ୩୭ ଉଇକେଟ୍ ମଧ ନେଇଛନ୍ତି। ସୁନ୍ଦର ଆଇପିଏଲ ୨୦୨୪ର କେବଳ ଦୁଇଟି ମ୍ୟାଚ୍ ଖେଳିବାର ସୁଯୋଗ ପାଇଲା। ସେ ୨୦୨୦ରେ ମୋଟ ୧୫ଟି ମ୍ୟାଚ୍ ଖେଳିଥିଲେ। ଏହି ସମୟ ମଧ୍ୟରେ ୮ଟି ଉଇକେଟ ନେଇଥିଲେ। ଏହା ସହିତ ୧୧୧ ରନ ମଧ ସ୍କୋର କରିଥିଲେ।

# 'ସେଞ୍ଚୁରୀ କୁଇନ୍' ହେଲେ ସ୍ମୃତି ମନ୍ଧନା

**ନୂଆଦିଲ୍ଲୀ**

ସ୍ମୃତି ମନ୍ଧନା ତାଙ୍କ ନାମରେ ଏକ ଐତିହାସିକ ରେକର୍ଡ ସୃଷ୍ଟି କରିଛନ୍ତି। ସେ ବର୍ତ୍ତମାନ ଭାରତୀୟ ମହିଳା କ୍ରିକେଟ ଇତିହାସରେ ସର୍ବାଧିକ ଦିନିକିଆ ଶତକ ହାସଲ କରିଛନ୍ତି। ସେ ମହାନ ବ୍ୟାଟ୍ସମ୍ୟାନ ମିତାଲି ରାଜଙ୍କୁ ପଛରେ ପକାଇ ଏହି ରେକର୍ଡ ସ୍ଥାପନ କରିଛନ୍ତି। ସ୍ମୃତି ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ଦିନିକିଆରେ ୧୦୦ ରନର ଇନିଂସ ଖେଳି ଟିମ୍ ଇଣ୍ଡିଆକୁ ୨-୧ରେ ଜିତିବାରେ ସାହାଯ୍ୟ କରିଥିଲା। ଦିନିକିଆ ମ୍ୟାଚରେ ସ୍ମୃତି ମନ୍ଧନାଙ୍କ କ୍ୟାରିୟରର ଏହା ଅଷ୍ଟମ ଶତକ ଥିଲା। ଅଧିକାଂଶ ଶତକ ସ୍କୋର କରିବାରେ ବର୍ତ୍ତମାନ କେବଳ ୬ ଖେଳାଳି ତାଙ୍କଠାରୁ ଆଗରେ ଅଛନ୍ତି। ସ୍ମୃତି ପୂର୍ବରୁ ଏହି ଭାରତୀୟ ରେକର୍ଡ ମିତାଲି ରାଜଙ୍କ ନାମରେ ଥିଲା, ଯିଏକି ୨୩୨ ମ୍ୟାଚ୍‌ରେ ବିଶାଳ କ୍ୟାରିୟରରେ ମୋଟ ୭ ଶତକ ସ୍କୋର କରିଥିଲେ। ମହିଳା ଦିନିକିଆ କ୍ରିକେଟରେ ସର୍ବାଧିକ ଶତକ ସ୍କୋର କରିବାର ରେକର୍ଡ ଅଷ୍ଟ୍ରେଲୀୟ ଖେଳାଳି ମେଗ ଲାନିଙ୍ଗଙ୍କ ନାମରେ ଅଛି, ଯିଏକି ତାଙ୍କ ଚମତ୍କାର କ୍ୟାରିୟରରେ ୧୫ ଶତକ ସ୍କୋର କରିଥିଲେ। ୨୦୨୩ରେ ଲାନିଙ୍ଗ ଅବସର ନେବାକୁ ଯାଉଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ଏହା ସ୍ମୃତି ମନ୍ଧନାଙ୍କ ଦଶମ ଶତକ ଥିଲା କାରଣ ସେ ୭ଟି ଟେଷ୍ଟ ମ୍ୟାଚ୍‌ର କ୍ୟାରିୟରରେ ଦୁଇ ଶତକ ଇନିଂସ ଖେଳିଛନ୍ତି। ଦିନିକିଆ କ୍ରିକେଟ ରେ ସ୍ମୃତି ବର୍ତ୍ତମାନ ପର୍ଯ୍ୟନ୍ତ ୮୮ଟି ମ୍ୟାଚରେ ୩,୬୯୦ ରନ ସଂଗ୍ରହ କରିଛନ୍ତି, ଯେଉଁଥିରେ ତାଙ୍କ ନାମରେ ୮ ଶତକ ଏବଂ ୨୭ ଅର୍ଦ୍ଧଶତକ ମଧ ରହିଛି।

# ରାଜ୍ୟସ୍ତରୀୟ ସ୍କୁଲ ଗେମ୍ ଉଷୁ ପାଇଁ ବଲାଙ୍ଗୀରରୁ ୧୬ ଜଣ ମନୋନୀତ

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ଆର.ଏନ୍ ସିଂଦେଓ ସ୍ପୋର୍ଟସ୍ ବଲାଙ୍ଗିର ଜିଲ୍ଲା ବିଦ୍ୟାଳୟ ସ୍ତରୀୟ ଉଷୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗୀର ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ବଲାଙ୍ଗୀର ଉଷୁ ସଂଘ ମିଳିତ ଏହି ପ୍ରତିଯୋଗିତାକୁ ଆୟୋଜନ କରାଯାଇଥିଲା। ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୧୪ ରୁ ୧୭ ବର୍ଷର ବାଳକ ବାଳିକା ବିଭାଗ ମୋଟ ୭୮ ଜଣ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଉଦ୍‌ଘାଟନି ସମାରୋହରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ସହ ଶାରୀରିକ ଅଧିକାରୀ କେଶବ ମେହେର, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର ଏବଂ ଅଫିସିଆଲ ଭାବରେ ଅସୀମ ଭୋଇ, ହୃଦୟ ଶବର, ଚନ୍ଦ୍ରଶେଖର ବହୁକ, ପ୍ରଶାନ୍ତ ପାତ୍ର ଖେଳକୁ ପରିଚାଳନା କରିଥିଲେ ଏବଂ ରୁସ୍ତମ ନାୟକ, ମୁରଲୀ ମହାକୁର, ରିମା ସୁନା ଖେଳକୁ ସହଯୋଗ କରିଥିଲେ। ମନୋନିତ ଖେଳାଳି ମାନେ ହେଲେ ସୁହାନି ଗୁରହାଣ୍ଡି, ଦିୟା ସାଗର, ସ୍ମୃତିରେଖା ଭୁଏ, ସୀତା ବରିହା, ହେମାଳିନୀ ହୋତା, ରେଶମା ଡାଙ୍ଗ, ଆଂଶିକା ପଟେଲ, ଅଭିପ୍ସା ହୋତା, ଗୌରବ ମହାକୁର, ଅଭିନାଶ ଭୁଏ, ମୋହିତ ରୋହିଦାସ, ରଞ୍ଜନ ଉଦୁରକୁଲିଆ, ବଳରାମ ମେହେର, ଅମିତ କୁମାର ନନ୍ଦ, ରୁଦ୍ର ମେହେର, ନିଖିଳ ବରଗାଁ। ଏହି ମନୋନୀତ ଖେଳାଳି ମାନେ ଆସନ୍ତା ନଭେମ୍ବର ୨ରୁ ୪ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ପିଆର ହାଇସ୍କୁଲ ବଲାଙ୍ଗିର ଠାରେ ନିଜ ନିଜ ବିଭାଗରେ ଅଂଶଗ୍ରହଣ କରିବେ ବୋଲି ଉଷୁ ସଂଘର ସମ୍ପାଦକ ଯୁଧିଷ୍ଠିର ଗୁରହାଣ୍ଡି ସୂଚନା ଦେଇଛନ୍ତି।

# ମଣିଷର ଶାରୀରିକ ସୁସ୍ଥତା ଓ ମାନସିକ ଶାନ୍ତି ପାଇଁ ପ୍ରଶିକ୍ଷଣ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ହରଭଙ୍ଗା ବନ୍ୟା ଆଶ୍ରୟ ସ୍ଥଳୀ ଠାରେ ବିଶ୍ୱ ପ୍ରସିଦ୍ଧ ଯୋଗଗୁରୁ ଶ୍ରୀଶ୍ରୀ ରବିଶଙ୍କର ଜୀଙ୍କ ଆର୍ଟ ଅଫ୍ ଲିଭିଙ୍ଗ ସଂସ୍ଥା, ବ୍ୟକ୍ତି ବିକାଶ କେନ୍ଦ୍ର ବୌଦ୍ଧ ଶାଖା ତରଫରୁ ୬ ଦିନିଆ ଆନନ୍ଦ ଅନୁଭୂତି ଶିବିର ଉଦ୍‌ଯାପିତ ହୋଇଯାଇଛି । ଯୋଗ ଶିକ୍ଷକ ରଞ୍ଜନ କୁମାର ସାହୁ, ଡ. ମମତା ମିଶ୍ରଙ୍କ ମାର୍ଗଦର୍ଶନରେ ବରୁଣ କୁମାର ମହନ୍ତ ଓ ମନୋଜ କୁମାର ମହନ୍ତ ଯୋଗ ଶିକ୍ଷା ପ୍ରଦାନ କରିଥିଲେ । ଆଖପାଖ ଗ୍ରାମର ୨୬ ଜଣ ଅଂଶ ଗ୍ରହଣ କରିଥିଲେ। ଶିବିରରେ ଯୋଗ, ପ୍ରାଣାୟମ, ଆସନ ସହିତ ସୁଦର୍ଶନ କ୍ରିୟା ଶିକ୍ଷା ଦ୍ୱାରା ମଣିଷ ଜୀବନରେ ଶାରୀରିକ ସୁସ୍ଥତା ଏବଂ ମାନସିକ ଶାନ୍ତି, ମନରେ ଏକାଗ୍ରତା, ଦୃଢ଼ ଆତ୍ମବିଶ୍ୱାସ, ପାରିବାରିକ ସୁସମ୍ପର୍କରେ ଉନ୍ନତି, ଆଧ୍ୟାତ୍ମିକତାର ବିକାଶ, ଚିନ୍ତାମୁକ୍ତ ଏବଂ ଆନନ୍ଦମୟ ଜୀବନ ବଞ୍ଚିବାର କଳା ଶିଖାଇବା ସହିତ ସାଧାରଣ ମଣିଷ ଜୀବନରେ ଏକ ରୋଗମୁକ୍ତ ଶରୀର ଓ ଚିନ୍ତାମୁକ୍ତ ମନ, ମାନସିକ ଦୁଶ୍ଚିନ୍ତା ଓ ବିଷାଦରୁ ମୁକ୍ତି, ମାନସିକ ଉଦ୍‌ବେଗ ଓ ଉତ୍କଣ୍ଠାରୁ ମୁକ୍ତି, ଅବସାଦ, ଭୟ ଓ ଆଶଙ୍କାରୁ ମୁକ୍ତି, ନକରାତ୍ମକ ଚିନ୍ତାରୁ ମୁକ୍ତି ଇତ୍ୟାଦି ଲାଭ ହେବ ବୋଲି କହିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଆର୍ଟ ଅଫ୍ ଲିଭିଙ୍ଗ ବୌଦ୍ଧ ଶାଖାର ସ୍ୱେଚ୍ଛାସେବୀ ବିଜୟ କୁମାର ପ୍ରଧାନ, ସୁଜ୍ଞାନ କୁମାର ପାତ୍ର, ରଜନୀକାନ୍ତ ରାଉତ, ସରୋଜ କୁମାର ସାହୁ, କୃତ୍ତିବାସ ପଲିଆ, ସୋରଜ କୁମାର ଭୋକ୍ତା, ହରେନ ଲାଲ ଓ ସଂଜୀବ କୁମାର ସାହୁ ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ। ଆନନ୍ଦ ଅନୁଭୂତି ଶିବିରର ଉଦ୍‌ଯାପନୀ ଉତ୍ସବରେ ଆର୍ଟ ଅଫ ଲିଭିଂର ବରିଷ୍ଠ ଶିକ୍ଷକ ରଞ୍ଜନ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଜୀବନରେ ବଞ୍ଚିବାର ଶୈଳୀ ଓ ନିଜର ଅନୁଭୂତି ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଆର୍ଟ ଅଫ୍ ଲିଭିଂର ବୌଦ୍ଧ ଜିଲ୍ଲା ସଂଯୋଜିକା ଡ. ମମତା ମିଶ୍ର, ଅର୍ଥ ଅଫ୍ ଲିଭିଂ ଶିକ୍ଷକ ବରୁଣ କୁମାର ମହନ୍ତ ଓ ମନୋଜ କୁମାର ମହନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ।

# ପୁଣି ଅଧିନାୟକ ପଦକୁ ଫେରିବେ ବିରାଟ କୋହଲି !

**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆର ଷ୍ଟାର ବିରାଟ କୋହଲି ପୁଣି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆରସିବି)ର ଅଧିନାୟକ ପଦକୁ ଫେରିବେ। ଆଇପିଏଲରେ ୨୦୨୫ ସଂସ୍କରଣରେ ଆରସିବି ବିରାଟଙ୍କ କ୍ୟାପଟେନ୍ସିରେ ପୁଣି ଟ୍ରଫି ପାଇଁ ଲଢ଼ିବ ବୋଲି ରିପୋର୍ଟ ପ୍ରକାଶ ପାଇଛି।

ଏନେଇ ବିରାଟ କୋହଲି ଆରସିବି ଟିମ୍ ମ୍ୟାନେଜମେଣ୍ଟ ସହ ଆଲୋଚନା କରି ସାରିଛନ୍ତି। ଆରସିବି କ୍ୟାମ୍ପରେ ଯେତେବେଳେ ନେତୃତ୍ୱର ଅଭାବ ପଡ଼ିବ ସେତେବେଳେ ସେ କମାଣ ସମ୍ଭାଳିବେ ବୋଲି କହିଥିଲେ। ଏବେ ମ୍ୟାନେଜମେଣ୍ଟ ନେତୃତ୍ୱ ସଙ୍କଟର ସାମ୍ନା କରୁଥିବାରୁ ବିରାଟଙ୍କୁ ପୁଣି କ୍ୟାପଟେନ ପଦ ଦେବାକୁ ନିଷ୍ପତ୍ତି ନେଇଛି।



# ଗୁଜରାଟ ଟାଇଟନ୍ସ ଛାଡ଼ିବେନି ଶୁଭମନ ଗିଲ୍

**ନୂଆଦିଲ୍ଲୀ**

ଆଇପିଏଲ୍ ରିଟେନ୍‌ଶନର ଅନ୍ତିମ ତାରିଖ ହେଉଛି ଅକ୍ଟୋବର ୩୧। ଏହା ପୂର୍ବରୁ ଅନେକ ଚମକାଇବା ଭଳି ଖବର ସାମ୍ନାକୁ ଆସୁଛି। ପ୍ରଥମରୁ ଶ୍ରେୟାସ ଆୟର, କେ ଏଲ୍ ରାହୁଲ ଏବଂ ଋଷଭ ପନ୍ତଙ୍କ ଭଳି ଖେଳାଳି ବର୍ତ୍ତମାନର ଟିମ୍‌ରୁ ବାହାରିବାର ଖବର ରୋମାଞ୍ଚ ସୃଷ୍ଟି କରିଥିବା ବେଳେ ଏବେ ଆଉ ଏକ ଦାବି କରାଯାଉଛି। ଗତ ସିଜନରେ ଗୁଜରାଟ ଟାଇଟନ୍ସ ଅଧିନାୟକ ହୋଇଥିବା ଶୁଭମନ ଗିଲ ମଧ ଦଳ ଛାଡ଼ିପାରନ୍ତି ବୋଲି କୁହାଯାଉଥିଲା। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏଥିଲାଗି ଇଚ୍ଛା ରଖିଥିଲା। ହେଲେ ତାହା ହୋଇପାରିନାହିଁ। ଏକ ରିପୋର୍ଟ ଅନୁଯାୟୀ ବାଙ୍ଗାଲୋର ଫ୍ରାଞ୍ଚାଇଜ ନିକଟରେ ଗିଲଙ୍କ ସହ ଅକ୍ସନ ବିଷୟରେ କଥା ହୋଇଛନ୍ତି। ଭବିଷ୍ୟତର ଟିମ୍ ପ୍ରସ୍ତୁତ ଲାଗି ଗିଲଙ୍କୁ ଫ୍ରାଞ୍ଚାଇଜ ସହ ଜଡ଼ିତ କରିବାକୁ ଯୋଜନା କରାଯାଉଛି। ଏମିତିରେ ବାଙ୍ଗାଲୋର ସହ ଗିଲଙ୍କ ଆଲୋଚନା ସଫଳ ହୋଇନାହିଁ। ଏମିତିକି ବାଙ୍ଗାଲୋର ଗିଲଙ୍କୁ ଅକ୍ସନକୁ ଆସିବାକୁ ବୁଝାଇ ପାରିନାହିଁ। କାରଣ ଗିଲ୍ ଗୁଜରାଟରେ ରହିବାକୁ ନିଷ୍ପତ୍ତି ନେଇଛନ୍ତି। ଏପରିକି ଗିଲ ରିଟେନ୍‌ସନ ତାଲିକାର ଦ୍ୱିତୀୟ ସ୍ଥାନରେ ରହିବାକୁ ପ୍ରସ୍ତୁତ ହୋଇଛନ୍ତି। ଅର୍ଥାତ ତାଙ୍କୁ ସର୍ବାଧିକ ଦରମା ମିଳିବ ନାହିଁ। ସେ ଏଭଳି ଆଫଗାନିସ୍ତାନ ସୁପରଷ୍ଟାର ରଶିଦ ଖାନ୍‌ଙ୍କ ପାଇଁ କରିଛନ୍ତି, ଯାହାଙ୍କୁ ପ୍ରଥମେ ରିଟେନ୍ କରାଯିବ।

# କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହା ବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଗାନ୍ଧୀଭବନ ଠାରେ ଉଚ୍ଚଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଏକ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶପଥ ପାଠରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସମ୍ମିଳିତ ଭାବେ 'ଦୁର୍ନୀତି ନିବାରଣ ସଚେତନତା' କାର୍ଯ୍ୟକ୍ରମରେ ଶପଥ ପାଠ କରିଥିଲେ । ଉଚ୍ଚ ଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହି ସପ୍ତାହଟି ଚଳିତ ମାସ ୨୮ ତାରିଖରୁ ଆରମ୍ଭ ହୋଇ ନଭେମ୍ବର ୩ ତାରିଖରେ ଉଦ୍‌ଯାପିତ ହେବ । ଏହି ଉପଲକ୍ଷେ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ମହା ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୩୦ ତାରିଖରେ ଜିଲ୍ଲା ପ୍ରଶାସନଙ୍କ ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲାସ୍ତରୀୟ ବକ୍ତୃତା ଏବଂ ପ୍ରବନ୍ଧ ପ୍ରତିଯୋଗିତା ମହା ବିଦ୍ୟାଳୟରେ ଅନୁଷ୍ଠିତ ହେବ । ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ତୁଳସୀ ମହିଳା ମହାବିଦ୍ୟାଳୟ ଏବଂ ସାନ୍ଧ୍ୟ ମହାବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହି ଶପଥ ପାଠ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ କର୍ମଚାରୀ ଯୋଗଦେଇ ଏକ ଦୁର୍ନୀତି ମୁକ୍ତ, ଶୋଷଣ, ଭ୍ରଷ୍ଟାଚାର ବିହୀନ ଓ ସତ୍ୟନିଷ୍ଠ ସମାଜ ଗଠନ କରିବା ସହିତ ରାଷ୍ଟ୍ରର ସମୃଦ୍ଧି ପ୍ରତି ଯତ୍ନବାନ ହୋଇପାରିବାର ଶପଥ ଗ୍ରହଣ କରିଥିଲେ । ମହାବିଦ୍ୟାଳୟର ଅଧ୍ୟାପିକା ପ୍ରଫେସର ଅଭିଜିତ୍ ବୋଷ ଏହି ସପ୍ତାହଟିକୁ ପାଳନ କରିବା ନିମନ୍ତେ ପ୍ରେରଣା ଓ ଉତ୍ସାହ ଯୋଗାଇ ଦେଇଛନ୍ତି ।

# ଏନଏଲସିଆଇଏଲ ପକ୍ଷରୁ ଭ୍ରଷ୍ଟାଚାର ବିରୋଧୀ ସପ୍ତାହ ପାଳନ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ଏନଏଲସିଆଇଏଲ ସାରା ଅଞ୍ଚଳରେ ଭିଏଡବ୍ଲୁ-୨୦୨୪ (ଭାବାନୁବାଦ: ଭ୍ରଷ୍ଟାଚାର ବିରୋଧିତା ସପ୍ତାହ) ପାଳନ କରାଯାଉଛି, ଯାହାର ଦିଗନିର୍ଦ୍ଦେଶ ଓ ମାର୍ଗନିର୍ଦ୍ଦେଶନା ସିଭିସି ଦ୍ୱାରା ଦିଆଯାଇଛି, ଭାରତର ପ୍ରସିଦ୍ଧ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କର ଜନ୍ମବାର୍ଷିକୀକୁ ସ୍ମରଣ କରିବାପାଇଁ, ଯେଉଁଠି ଉଚ୍ଚ ନୀତି, ସତ୍ୟନିଷ୍ଠା ଓ ସଦ୍‌ଗୁଣର ପ୍ରତିଛବି ରୂପେ ଜଣାଶୁଣା। ଏହି ବର୍ଷ ଉତ୍ସବର ଆରମ୍ଭ ପୂର୍ବତନ ପର୍ଯ୍ୟାୟରୁ ୧୬ ସେପ୍ଟେମ୍ବରରୁ ଆରମ୍ଭ ହୋଇଛି ଏବଂ ୧୫ ନଭେମ୍ବର ପର୍ଯ୍ୟନ୍ତ ଚାଲିବ, ଯାହା ୨୮ ଅକ୍ଟୋବରରୁ ୩ ନଭେମ୍ବର ପର୍ଯ୍ୟନ୍ତ ରହିବ। ଏହି ବର୍ଷର ଥିମ୍ ହେଉଛି - ଜାତିର ସମୃଦ୍ଧି ପାଇଁ ଅକ୍ଷୁଣ୍ଣତାର ସଂସ୍କୃତି। ପୂର୍ବତନ ପର୍ଯ୍ୟାୟରେ କର୍ମଚାରୀଙ୍କର କ୍ଷମତା ବିକାଶ ସମ୍ବନ୍ଧିତ ବିଭିନ୍ନ କାର୍ଯ୍ୟକ୍ରମ ପାଳିତ ହୋଇଛି ଏବଂ ଭିଏଡବ୍ଲୁ ସପ୍ତାହର ଉଦ୍‌ଘାଟନ ୨୮ ଅକ୍ଟୋବରରେ ମୁଖ୍ୟ ଅତିଥି ଏଲ.ଆର. ଲ' କଲେଜର ପ୍ରଧାନ ଓ ତଳାବିରା ମାଇନ୍ସ ପ୍ରକଳ୍ପ ମୁଖ୍ୟଙ୍କ ଦ୍ୱାରା କରାଯାଇଥିଲା, ଯାହାର ଏଚଆର ଅଧିକାରୀ, ଭିଜିଲାନ୍ସ ବିଭାଗ ଅଧିକାରୀ ଓ କର୍ପୋରେସନର ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଉଦ୍‌ଘାଟନ ଦିନରେ ସିଭିସି ଦ୍ୱାରା ଦିଆଯାଇଥିବା ଶପଥ ଗ୍ରହଣ କାର୍ଯ୍ୟକ୍ରମରୁଆରମ୍ଭ ହୋଇ, ସେଲଫି ଷ୍ଟାଣ୍ଡ ଓ ସିଗ୍ନେଚର ଭିତ୍ତିର ଅନାବରଣ ସହିତ ଏହା ଆରମ୍ଭ ହୋଇଥିଲା। ନୀତି, ସତ୍ୟନିଷ୍ଠା, ଅକ୍ଷୁଣ୍ଣତା ଓ ମୂଲ୍ୟବୋଧର ଅନୁଭବ ଓ ଉନ୍ନତି ପାଇଁ ଏନଏଲସିଆଇଏଲ ଦ୍ୱାରା ସମ୍ବଲପୁର ଓ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ସ୍କୁଲରେ ପ୍ରଚାର କାର୍ଯ୍ୟକ୍ରମ ଚାଲିଛି, ଯାହାକୁ ଜିଲ୍ଲା ପ୍ରଶାସନ ଓ ଗାଁ ପ୍ରଶାସନର ସମର୍ଥନ ମିଳିଛି। କିଛି କାର୍ଯ୍ୟକ୍ରମ ତଳେ ଦିଆଯାଇଛି: ୨୯-୧୦-୨୦୨୪: ସମ୍ବଲପୁର ଓ ମଦନାବତି ସ୍କୁଲରେ ତିନୋଟି ଭାଷାରେ ରଚନା ଓ ଚିତ୍ରାଙ୍କନ ପ୍ରତିଯୋଗିତା କାର୍ଯ୍ୟକ୍ରମ ଚାଲିଥିଲା ଯେଉଁଥିରେ ସ୍କୁଲର ସମସ୍ତ ଶ୍ରେଣୀରୁ ୬୦୦ ଛାତ୍ର ଅଂଶଗ୍ରହଣ କରିଥିଲେ। ମେଧାବୀ ଛାତ୍ରମାନଙ୍କୁ ୩୦-୧୦-୨୦୨୪ ତାରିଖରେ ସ୍କୁଲର ପ୍ରଧାନ ଶ୍ରୀ ନାଇଡୁ ଓ ଏନଏଲସିଆଇଏଲ ତଳାବିରା ମାଇନ୍ସ, ଏଚଓଏଚଆର ସୁବ୍ରତ କୁମାର ବିଶ୍ୱାଳ ଓ ଅନ୍ୟାନ୍ୟ ଏଚଆର ଓ ଭିଜିଲାନ୍ସ ଅଧିକାରୀମାନଙ୍କ ଦ୍ୱାରା ପୁରସ୍କାର ବଣ୍ଟନ କରାଯାଇଥିଲା। ସମାଜରେ ଜାଗୃତି ଆଣିବା ପାଇଁ ସମ୍ବଲପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଏନଏଲସିଆଇଏଲ ଏବଂ ଭିଏଡବ୍ଲୁ ଥିମ୍ ସହିତ ହୋଡିଂ ଲଗାଯାଇଛି ଓ ଖିଣ୍ଡା ଛକ ଓ ସିଟି ଷ୍ଟେସନ ଛକ, ସମ୍ବଲପୁରରେ ପ୍ରସିଦ୍ଧ କଳାକାର ଦଳଙ୍କ ଦ୍ୱାରା ରାସ୍ତା ନାଟକ ପ୍ରଦର୍ଶିତ କରାଯାଇଛି। ୩୦-୧୦-୨୦୨୪:ସମ୍ବଲପୁରର କେଭି ସ୍କୁଲରେ ରଚନା ଓ ଚିତ୍ରାଙ୍କନ ପ୍ରତିଯୋଗିତା କାର୍ଯ୍ୟକ୍ରମ ଚାଲିଥିଲା। ଅନେକ ଶ୍ରେଣୀରୁ ପ୍ରାୟ ୧୪୦ ଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ସମୟରେ ଛାତ୍ରମାନଙ୍କୁ ସାଇବର ଅପରାଧ ଓ ସୁରକ୍ଷା ବିଷୟରେ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା। ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟରେ ସମ୍ବଲପୁର ଓ ଝାରସୁଗୁଡ଼ା ଜିଲ୍ଲାର ଏନଏଲସିଆଇଏଲ ମାଇନ୍ସ ଓ ଥର୍ମାଲ୍ ପାୱାର ପ୍ରକଳ୍ପରେ ପ୍ରକଳ୍ପ ପ୍ରଭାବିତ ଗାଁମାନଙ୍କରେ ରଚନା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଚାଲିଛି। ବିକ୍ରେତା ଓ କଣ୍ଟ୍ରାକ୍ଟରଙ୍କ ମିଳିତ ସଭା ଏହି ସପ୍ତାହ ପାଳନ ସମୟରେ ଆୟୋଜିତ ହେବ।



# ସତର୍କତା, ସଜାଗତା ଓ ସାହାସିକତା ହିଁ ସମସ୍ତ ବିପର୍ଯ୍ୟୟର ସମାଧାନ:ଜିଲ୍ଲାପାଳ

**ବାଲେଶ୍ୱର, ନ୍ୟୁଜ୍**

ସଚେତନତା ହିଁ ସତର୍କତାର ଚାବିକାଠି ଓ ଏହି ଦୃଢୋକ୍ତିର ପାଳନ ସ୍ୱରୂପ ଆଜି ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ- ୨୦୨୪ ସ୍ଥାନୀୟ ଗାନ୍ଧୀ ସଂସ୍କୃତି ଭବନ ଠାରେ ଆୟୋଜିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ୧୯୯୯ ମହାବାତ୍ୟାର ବିଭୀଷିକା ବର୍ଣ୍ଣନା କରି ଉପସ୍ଥିତ ଜନତାଙ୍କୁ ଆଗାମୀ ଯେ କୌଣସି ବିପର୍ଯ୍ୟୟ ପାଇଁ ସଜାଗ ରହିବାକୁ ଆହ୍ୱାନ ଦେଇଥିଲେ। ସତର୍କତା, ସଜାଗତା ଓ ସାହାସିକତା ହିଁ ସମସ୍ତ ବିପର୍ଯ୍ୟୟର ସମାଧାନ ବୋଲି କହିଥିଲେ। ଜିଲ୍ଲାସ୍ତରରୁ ତୃଣମୂଳସ୍ତର ପର୍ଯ୍ୟନ୍ତ ସମସ୍ତେ ସଜାଗ ଓ ସଚେତନ ରହିଲେ ବିପର୍ଯ୍ୟୟକୁ ପ୍ରତିହତ କରିହେବ ବୋଲି ଶ୍ରୀ ବିକାଶ କହିଥିଲେ। ବାତ୍ୟା ଦାନା ସମୟରେ ଗ୍ରାମ ପଞ୍ଚାୟତଠାରୁ ଆରମ୍ଭ କରି ସମସ୍ତେ ଏ ନେଇ ସଚେତନ ଓ ସଜାଗ ରହିବା ଫଳରେ ଏହି ଦୁର୍ବିପାକକୁ ସଫଳତାର ସହ ମୁକାବିଲା କରାଯାଇପାରିଛି। ଏଥି ସହିତ ବାତ୍ୟା ଦାନାର ସଫଳ ମୁକାବିଲା ପାଇଁ ସେ ଓଡ୍ରାଫ୍, ଆପଦ ମିତ୍ର, ଅଗ୍ନିଶମ, ସ୍ୱେଚ୍ଛାସେବୀ ସ୍ୱୟଂଗଠନର ସଦସ୍ୟମାନଙ୍କୁ ସେମାନଙ୍କର ସାହସିକତା ପାଇଁ ଧନ୍ୟବାଦ ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ବର୍ତ୍ତମାନ ବିପର୍ଯ୍ୟୟ ପ୍ରସ୍ତୁତିରେ ରୂପାନ୍ତରଣ ହୋଇଛି ବୋଲି କହିଥିଲେ। ଓଡ଼ିଶା ଆଜି ସାରା ବିଶ୍ୱରେ ବିପର୍ଯ୍ୟୟ ମୁକାବିଲାରେ ରୋଲମଡେଲ ହୋଇପାରିଛି ବୋଲି ଶ୍ରୀ ନାୟକ ମତ ପ୍ରକାଶ କରିଥିଲେ ଓ ବାଲେଶ୍ୱର ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଜିଲ୍ଲା ହୋଇଥିବାରୁ ପ୍ରଶାସନ ସବୁବେଳେ ଦୃଢତାର ସହ ଏହାର ସାମନା କରିବାକୁ ପ୍ରସ୍ତୁତ ଅଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ସୂଚନା ଦେଇଥିଲେ । ସକାଳ ୭.୩୦ ମି ରେ ଏହି ଅବସରରେ ଏକ ସଚେତନତା ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଗାନ୍ଧୀ ସ୍ମୃତି ଭବନ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ସେଠାରେ ଓଡ୍ରାଫ୍ ଟିମ୍‌ର ସଦସ୍ୟ ମାନେ ଆପଦ କାଳୀନ ଜରୁରୀ ସେବା ସମ୍ବନ୍ଧରେ ଲାଇଭ ଡେମୋ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମଞ୍ଚାସୀନ ଅତିଥିମାନେ ପୁରସ୍କୃତ କରିଥିଲେ ଓ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ (ଦୁର୍ନୀତି ନିବାରଣ) ମହେଶ୍ୱର ସେଠି, ଡେପୁଟି କଲେକ୍ଟର ରାଇମତ ଟୁଡୁ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସାଇ କୃଷ୍ଣ ଜେନା ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ । ଅପରାହ୍ନରେ ରାଜ୍ୟସ୍ତରୀୟ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ-୨୦୨୪ ପାଳନ ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମ ରେ ଯୋଡ଼ିହୋଇ 'ଆଗୁଆ ପଦକ୍ଷେପ ପାଇଁ ପ୍ରାକ୍ ସତର୍କ ସୂଚନା' ଏବର୍ଷର ଥିମ୍ ବୋଲି କହିଥିଲେ। ମହାବାତ୍ୟାର ୨୫ ବର୍ଷ ପୂର୍ତ୍ତି ପରେ ଓଡ଼ିଶା ଆଜି ବିପର୍ଯ୍ୟୟ ପ୍ରସ୍ତୁତି ରେ ଆଗୁଆ ବୋଲି ସେ କହିଥିଲେ। ଏହି ପରିପ୍ରେକ୍ଷୀରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିବା ବେଳେ ବାଲେଶ୍ୱର ଜିଲ୍ଲାର ସୁନାମୀ ମୁକ୍ତ ୪ଟି ଗ୍ରାମ ଯଥା ଜଗନ୍ନାଥପୁର, ଜୟଦେବକସବାପାହି, କନ୍ୟାନଗରୀ ଓ ସାହାପୁରଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ।

# ନୟାଗଡ଼ରେ ପିଆଇବି ପକ୍ଷରୁ ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା 'ବାର୍ତ୍ତାଳାପ'

**ଭୁବନେଶ୍ୱର, ପିଆଇବି**

ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଭୁବନେଶ୍ୱର ପକ୍ଷରୁ ବୁଧବାର ନୟାଗଡ଼ ଠାରେ ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା 'ବାର୍ତ୍ତାଳାପ' ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲ୍ଲା ପ୍ରଶାସନ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଲୋକାଭିମୁଖୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନାଚକ୍ର ଓ ମତବିନିମୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

> ବାର୍ତ୍ତାଳାପ କାର୍ଯ୍ୟକ୍ରମ ସରକାର ଏବଂ ଗଣମାଧ୍ୟମ ମଧ୍ୟରେ ରହିଥିବା ସମ୍ପର୍କକୁ ସୁଦୃଢ଼ କରିଥାଏ: ପିଆଇବି ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର




କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ ପିଆଇବି ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଅଖିଳ କୁମାର ମିଶ୍ର କହିଥିଲେ, ପିଆଇବି ଗତ ୧୦୦ ବର୍ଷ ଧରି ଭାରତ ସରକାରଙ୍କ ପ୍ରମୁଖ ଯୋଗାଯୋଗ ସଂସ୍ଥା ଭାବେ କାର୍ଯ୍ୟ କରି ଆସୁଛି। ସରକାର ଏବଂ ଗଣମାଧ୍ୟମ ମଧ୍ୟରେ ରହିଥିବା ସମ୍ପର୍କକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ପିଆଇବି ପକ୍ଷରୁ ବାର୍ତ୍ତାଳାପ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଏହି କାର୍ଯ୍ୟକ୍ରମ କେନ୍ଦ୍ର ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିଥାଏ।

ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନୟାଗଡ଼ ଅତିରିକ୍ତ ଜିଲ୍ଲାପାଳ (ଏଡିଏମ) ରୋଜିନା ଦାସ କହିଥିଲେ, ଗଣତନ୍ତ୍ରରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି। ଏହା ପ୍ରଶାସନ ଓ ସାଧାରଣ ଜନତାଙ୍କ ମଧ୍ୟରେ ସମ୍ପର୍କର ସେତୁ ଭାବେ କାମ କରିଥାଏ।

ବାର୍ତ୍ତାଳାପର ବୈଷୟିକ ଅଧିବେଶନରେ ଅଂଶଗ୍ରହଣ କରି ଡାକ ବିଭାଗ ନୟାଗଡ଼ ଡିଭିଜନର ଅଧିକ୍ଷକ ଖଗେଶ୍ୱର ମଲ୍ଲିକ କେନ୍ଦ୍ର ସରକାରଙ୍କ ବିଭିନ୍ନ ଆର୍ଥିକ ଅନ୍ତର୍ଭୂକ୍ତିକରଣ ଯୋଜନା ବିଷୟରେ ସୂଚନା ଦେବା ସହିତ ନୟାଗଡ଼ ଜିଲ୍ଲାରେ ଏହାର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ନୟାଗଡ଼ ଜିଲ୍ଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ତ୍ରିଲୋଚନ ବେହେରା ଜିଲ୍ଲାରେ ପିଏମ ବିଶ୍ୱକର୍ମା ଏବଂ ପିଏମଇଜିପି ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମହେଶ୍ୱର ରଥ ନୟାଗଡ଼ ଜିଲ୍ଲାରେ ପିଏମ ଆବାସ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ପିଆଇବି ଭୁବନେଶ୍ୱର ଉପନିର୍ଦ୍ଦେଶକ ମନୋଜ କୁମାର ଜାଲି ଧନ୍ୟବାଦ ଅର୍ପଣ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୫୦ରୁ ଅଧିକ ସାମ୍ବାଦିକ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିବା ସହ ବିଭିନ୍ନ ଯୋଜନା ସମ୍ପର୍କରେ ମତ ବିନିମୟ କରିଥିଲେ।



## 'ସାହିତ୍ୟ ମାସିକୀ'ରେ ମତ ବିନିମୟ

# 'ସାହିତ୍ୟର ପ୍ରସାର ପାଇଁ ଲେଖକର ଉଦ୍ୟମ ଜରୁରୀ'

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପରିଚୟ କି ପ୍ରତିଷ୍ଠା ପାଇଁ ନୁହେଁ, ବରଂ ଭଲ ସାହିତ୍ୟର ପ୍ରସାରଣ ପାଇଁ ଜଣେ ଲେଖକ ଉଦ୍ୟମ କରିବା ଆବଶ୍ୟକ । ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ 'ସାହିତ୍ୟ ମାସିକୀ' କାର୍ଯ୍ୟକ୍ରମରେ ଯୋଗଦେଇ ବିଶିଷ୍ଟ ଲେଖକ ତଥା ଅନୁବାଦକ ଡ. ପ୍ରମୋଦ କୁମାର ପରିଡ଼ା ଉପରୋକ୍ତ ମର୍ମରେ ଉଲ୍ଲେଖ କରିଛନ୍ତି । 'ମୋ ସୃଜନ ମୋ ଜୀବନ' ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖି ଡ. ପରିଡ଼ା କହିଛନ୍ତି ଯେ ସୃଜନ ଜୀବନଠାରୁ ବଡ଼ ହୋଇ ନ ପାରେ, ଏଥିରେ ଜୀବନବୋଧ ରହିଥାଏ । ଡ. ପରିଡ଼ା ତାଙ୍କ ସୃଜନଯାତ୍ରାର ବିବରଣୀ ଦେଇ ତାଙ୍କ ଲେଖକୀୟ ଜୀବନର ପ୍ରେରଣା ଭାବରେ ନିଜର




ଅଧ୍ୟାପକ, ବନ୍ଧୁବୃନ୍ଦ ଓ ରେଭେନ୍ସା କଲେଜର ଉଦାହରଣ ଦେଇଥିଲେ ।

ପ୍ରସିଦ୍ଧ କବି ପ୍ରଫେସର ଡ. ସୌଭାଗ୍ୟ କୁମାର ମିଶ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି କବି ରକ୍ଷକ ନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଡ. ନନ୍ଦ କିଶୋର ବିଶ୍ୱାଳ, ଡ. ପ୍ରଦୀପ୍ତ କୁମାର ବାରିକ, ଆଭାସ ବରାଳ ପ୍ରମୁଖଙ୍କ ପ୍ରଶ୍ନର ଉତ୍ତର ଡ. ପରିଡ଼ା ଦେଇଥିଲେ । ତରୁଣ ଲେଖକ ଅଂଶୁମାନ ସାହୁ 'ଏ ମାସର କଥାକାର' ଭାବରେ ଯୋଗଦେଇ ସ୍ୱରଚିତ ଗଳ୍ପ ପାଠ କରିଥିଲେ ।

ପରେ ଡ. ଅଭୟ ନାରାୟଣ ନାୟକ ଓ ନିରୁପମା କରଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ମହେନ୍ଦ୍ର କୁମାର ମଲ୍ଲିକ, ପ୍ରବୀଣା ପରିଡ଼ା, ବିଧୁଭୂଷଣ ତ୍ରିପାଠୀ, ରଜନୀକାନ୍ତ ପଟ୍ଟନାୟକ, ଅଲେଖ ଚରଣ ରାଉତ, ସୁଜାତା ମହାପାତ୍ର, କ୍ଷଣପ୍ରଭା ମହାନ୍ତି, ଚକ୍ରଧର ଦାଶ, ପୂର୍ଣ୍ଣାନନ୍ଦ ମହାନ୍ତି, ପୁଷ୍ପଲତା ମିଶ୍ର, ଜୟନାରାୟଣ ନନ୍ଦ, ପ୍ରକାଶ ଚନ୍ଦ୍ର ବେହେରା, ପୁଷ୍ପଲତା ମିଶ୍ର ପତି, ମିହିରକାନ୍ତି ଦାଶ, ଚନ୍ଦନ ପଣ୍ଡା, ମାନିନୀ ଜେନା, ଜୟଶ୍ରୀ ପଟ୍ଟନାୟକ, ସୁଷମା ଦାଶ, ସୁବ୍ରତ ରଥ, ସତ୍ୟରଞ୍ଜନ ପରିଡ଼ା ପ୍ରମୁଖ କବିତା ପାଠ କରିଥିଲେ । ଡା. ଜୀବନକୃଷ୍ଣ ମିଶ୍ର ଆରମ୍ଭରେ ବେଦ ପାଠ କରିଥିବା ବେଳେ ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ଉପସଭାପତି ବିଭୂତି ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୂର୍ବତଟ ରେଳପଥର ସତର୍କତା ସପ୍ତାହ - ଉପଭୋକ୍ତା ଓ ଭାଗିଦାରୀ ମାନଙ୍କ ବୈଠକ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**




ପୂର୍ବତଟ ରେଳପଥ ଏହାର ସମସ୍ତ ଭାଗିଦାରୀ, ହିତାଧିକାରୀ ଏବଂ ଯୋଗାଣକାରୀଙ୍କ ସହିତ ଏକ କଥୋପକଥନ ଅଧିବେଶନ ଆୟୋଜନ କରିଛି, ଯାହାଦ୍ୱାରା ଗ୍ରାହକମାନଙ୍କ ସହିତ ଉତ୍ତମ ସମ୍ପର୍କ ଆଣିବା ସହ ଉଭୟ ରେଳବାଇ ଏବଂ ଶିଳ୍ପର ପ୍ରଗତିରେ ତଥା ଅଭିବୃଦ୍ଧିରେ ସାହାଯ୍ୟ କରିବା ସହିତ ସେମାନଙ୍କର ମତାମତ, ଅଭିଯୋଗର ସମାଧାନ ଇତ୍ୟାଦି ସମ୍ବନ୍ଧରେ ଆଲୋକପାତ କରାଯାଇଥିଲା ଯାହାକି ଉଭୟ ରେଳବାଇ ଓ ଶିଳ୍ପ ସଂସ୍ଥାମାନଙ୍କ ସହିତ ସ୍ୱଚ୍ଛତା ମାଧ୍ୟମରେ କାର୍ଯ୍ୟ ସମ୍ପାଦନ ହୋଇ ପାରିବ ।

ରେଳପଥର ବରିଷ୍ଠ ଉପ ମହାପ୍ରବନ୍ଧକ ତଥା ମୁଖ୍ୟ ସତର୍କତା ଅଧିକାରୀ ବିଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅଧିବେଶନରେ ହିତାଧିକାରୀଙ୍କ ସହ ହୋଇଥିବା ସମସ୍ତ କାରବାରରେ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଅଂଶଗ୍ରହଣକାରୀମାନେ ଅଭିଯୋଗର ଫଳପ୍ରଦ ସମାଧାନ ଏବଂ ସାମଗ୍ରୀ ଏବଂ ସେବା କ୍ରୟରେ ତଥା ଚୁକ୍ତିନାମା ବୁଝାମଣାରେ ନ୍ୟାୟପୂର୍ଣ୍ଣ ଅଭ୍ୟାସ ସୁନିଶ୍ଚିତ କରିବା ପାଇଁ ରଣନୀତି ଉପରେ ଆଲୋଚନା କରାଯାଇଥିଲା ।

ରେଳବାଇର କାରବାର କରିବା ସମୟରେ ବିଶ୍ୱାସ ସୃଷ୍ଟି କରିବା ସହ ରେଳବାଇ ଏବଂ ଏହାର ହିତାଧିକାରୀଙ୍କ ମଧ୍ୟରେ ସହଯୋଗ ବୃଦ୍ଧି ପାଇଁ ସ୍ୱଚ୍ଛତା ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ମିଶ୍ର କହିଥିଲେ । ଏହି ବୈଠକ ଖୋଲା ସଂଳାପ ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିଥିଲା ଯାହା ପୂର୍ବତଟ ରେଳପଥର ସହଭାଗୀମାନଙ୍କର ଆବଶ୍ୟକତାକୁ ଭଲ ଭାବରେ ବୁଝାମଣା ଓ ସେବା ପ୍ରଦାନରେ ଉନ୍ନତି ଆଣିବା ପାଇଁ ସହାୟକ ହୋଇଥିଲା ।

ଏହି କାର୍ଯ୍ୟକ୍ରମରେ ଇସ୍ପାତ କାରଖାନା, ବନ୍ଦର ଏବଂ ବ୍ୟାଙ୍କିଙ୍ଗ୍ ଭଳି ଶିଳ୍ପ ସଂସ୍ଥାମାନଙ୍କ ସହିତ କଣ୍ଟ୍ରାକ୍ଟର ଏବଂ ଯୋଗାଣକାରୀ ଏବଂ ବିଭିନ୍ନ ହିତାଧିକାରୀ ମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ରେଳବାଇର କାର୍ଯ୍ୟକ୍ଷମତା ବୃଦ୍ଧି ଏବଂ ପାରସ୍ପରିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଉପସ୍ଥିତ ସଂସ୍ଥା ମାନଙ୍କର ପ୍ରତିନିଧି ମାନେ ସେମାନଙ୍କର ମୂଲ୍ୟବାନ ପରାମର୍ଶ ଦେଇଥିଲେ । ପୂର୍ବତଟ ରେଳପଥ ଏହାର ସମସ୍ତ କାରବାରରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱର ନୀତିକୁ ସମର୍ଥନ କରିବାକୁ ସର୍ବଦା ପ୍ରତିବଦ୍ଧ ରହିଥାଏ ଏବଂ ଏହାର ଅଂଶୀଦାରମାନଙ୍କ ସହ ସହଯୋଗ ପାଇଁ ଏକ ଦୃଷ୍ଟାନ୍ତମୂଳକ ଉଦାହରଣ ସୁନିଶ୍ଚିତ କରିଥାଏ ।

# ଜୁଏଲସ୍ ସ୍କୁଲ ଫର୍ ଅଟିଜିମ୍‌ର ଶୁଭାରମ୍ଭ




**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱର ଜନତା ମୈଦାନ ପଛ ପାର୍ଶ୍ୱରେ ଥିବା ଚେତନା ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠାନର ପରିଚାଳନା କମିଟି ସଦସ୍ୟ ଡ଼ଃ ବିନୟ ଭୂଷଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଡ. ବିନୟ ଭୂଷଣ ମହାପାତ୍ର, ସ୍ପେଶିଆଲ ଏଡୁକେସନ ମୁଖ୍ୟ ଡ. ଭାଗିରଥି ମହାପାତ୍ର, ଆପ୍ଲାଏଡ଼ ସାଇକୋଲୋଜି ମୁଖ୍ୟ ଡ. ବିଚିତ୍ରାନନ୍ଦ ସ୍ୱାଇଁ, ଜ୍ୱେଏଲ୍ ଇଣ୍ଟରନ୍ୟାସ୍‌ନାଲ୍‌ର ଇସି ମେମ୍ବର ଲାଲଟେନ୍ଦୁ କର, ପ୍ରିନସିପାଲ ସବିତା ପ୍ରଧାନ ଓ ପ୍ରିନସିପାଲ ଲକ୍ଷ୍ମଣ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ । ଚନ୍ଦକା ନିକଟସ୍ଥ ମାର୍ଗଦର୍ଶୀ ଅଧିନସ୍ଥ 'ସ୍କୁଲ ଫର ଅଟିଜିମ୍' ବିଦ୍ୟାଳୟ ଚାଲି ଆସୁଥିଲା ବର୍ତ୍ତମାନ ସେହି ବିଦ୍ୟାଳୟ ଟି ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶ କ୍ରମେ ଜୁଏଲସ୍ ଇଣ୍ଟରନ୍ୟାସନାଲ ଅଧିନକୁ ସ୍ଥାନାନ୍ତରଣ କରାଯାଇ ନୂତନ ନାମ 'ଜୁଏଲସ୍ ସ୍କୁଲ ଫର ଅଟିଷ୍ଟିକ ଚିଲଡ୍ରେନ' ରଖାଯାଇଛି ବୋଲି ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମଣ ଗୌଡ଼ ପ୍ରେସ ବାର୍ତ୍ତା ମାଧ୍ୟମରେ ସୂଚନା ଦେଇଛନ୍ତି । ବର୍ତ୍ତମାନ ଏହି ବିଦ୍ୟାଳୟରେ ନାମଲେଖା ଚାଲୁଛି ଏବଂ ଛାତ୍ରଛାତ୍ରୀମାନଙ୍କୁ ସ୍ପେସିଆଲ ଏଜୁକେସନ, ଆଇପି, ସେନସୋରି ଇଣ୍ଟିଗ୍ରେସନ, ଅକୁପେସନାଲ ଥେରାପି, ସ୍ପିଚ୍ ଥେରାପି, ଫିଜିଓ ଥେରାପି, ଆର୍ଟ ଥେରାପି, ମ୍ୟୁଜିକ ଥେରାପି, ଖେଳ ମାଧ୍ୟମରେ ଶିକ୍ଷାଦାନ, ବ୍ୟବହାରିକ ପରିବର୍ତ୍ତନ, ସାମାଜିକ ଦକ୍ଷତା ଶିକ୍ଷା ଯୋଗାଇ ଦିଆଯିବ ସହ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ସାର୍ବଙ୍ଗୀନ ଉନ୍ନତି ପାଇଁ ପିତାମାତାଙ୍କୁ ମଧ୍ୟ ତାଲିମ ଦିଆଯିବାର ପ୍ରବନ୍ଧ ଅଛି । ତେଣୁ ଇଚ୍ଛୁକ ଅଭିଭାବକମାନେ ନିଜର ଛାତ୍ରଛାତ୍ରୀମାନଙ୍କୁ ଏହି ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଡ଼ଃ ମହାପାତ୍ର ଓ ଶ୍ରୀ ଗୌଡ଼ ନିବେଦନ କରିଛନ୍ତି ।

## ନଭେମ୍ବରରେ ନୂଆ ରାସନ କାର୍ଡ ପାଇବେ ହିତାଧିକାରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନଭେମ୍ବରରୁ ନୂଆ ରାସନ କାର୍ଡ ପାଇବେ ହିତାଧିକାରୀ । ଏନେଇ ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ସେ କହିଛନ୍ତି, ୧୦ ଲକ୍ଷ ଆବେଦନକାରୀଙ୍କ ଆବେଦନ ଯାଞ୍ଚ କରି କାର୍ଡ ଦିଆଯିବ ।



ଇ-କେୱାଇସି ପ୍ରକ୍ରିୟା ଶେଷ ହେଲେ ଅଯୋଗ୍ୟ ହିତାଧିକାରୀମାନେଙ୍କ ସଂପର୍କରେ ସମସ୍ତ ତଥ୍ୟ ଜଣାପଡ଼ିବ । ଏହାପରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ରାଜ୍ୟରେ ସରକାର ବଦଳିବା ପରେ ନୂଆ ସରକାର ପ୍ରକୃତ ହିତାଧିକାରୀଙ୍କ ସଂଖ୍ୟା କେତେ ତାହା ଜାଣିବାକୁ ଚାହୁଁଛନ୍ତି । ଏଥି ପାଇଁ ଗତ ସେପ୍ଟେମ୍ବର ମାସ ଠାରୁ ଇ-କେୱାଇସି କରୁଛନ୍ତି ।

# ବିଏସ୍‌କେୱାଇ ଯୋଜନାରୁ କେଉଁମାନେ ବଞ୍ଚିତ ହେବେ ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ: ବିଜେଡି



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ଼ ମାଧ୍ୟମରେ ଚିକିତ୍ସା ସୁବିଧା ପାଉଥିବା ୯୬.୫ ଲକ୍ଷ ପରିବାରର ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ବହନ କରୁଥିବା ବେଳେ ଆୟୁଷ୍ମାନ ଯୋଜନା ଲାଗୁ କରିବା ନାଁରେ କେତେ ଲକ୍ଷ ପରିବାରଙ୍କୁ ବିଏସ୍‌କେୱାଇରୁ ବଞ୍ଚିତ ହେବାକୁ ପଡ଼ିବ, ତାହା ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ ବୋଲି ମଙ୍ଗଳବାର ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ । ଶ୍ରୀମତୀ ମଲ୍ଲିକ ଆହୁରି କହିଥିଲେ ଯେ, ଆୟୁଷ୍ମାନ ଯୋଜନାରେ ହିତାଧିକାରୀଙ୍କ ପରିବାର ପାଇଁ ଅତି ବେଶୀରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ଇନସ୍ୟୁରାନ୍ସ କମ୍ପାନୀ ଜରିଆରେ ପ୍ରଦାନ କରାଯାଉଥିବା ବେଳେ ବିଏସ୍‌କେୱାଇ ମାଧ୍ୟମରେ ପରିବାରର ପୁରୁଷ ସଦସ୍ୟଙ୍କ ପାଇଁ ୫ ଲକ୍ଷ ଟଙ୍କା ଓ ମହିଳା ସଦସ୍ୟମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ପ୍ରତ୍ୟକ୍ଷ ଭାବେ ରାଜ୍ୟ ସରକାର ବହନ କରନ୍ତି । ବିଏସ୍‌କେୱାଇରେ ସମସ୍ତ ପ୍ରକାର ମେଡ଼ିକାଲ ଟେଷ୍ଟ ଓ ଫଲୋଅପ୍ କନସନଟେସନର ବ୍ୟବସ୍ଥା ରହିଥିଲା ବେଳେ ଏହି ସୁବିଧା ଆୟୁଷ୍ମାନ ଯୋଜନାରେ ନାହିଁ । ଆୟୁଷ୍ମାନ ଯୋଜନା ଇନସ୍ୟୁରାନ୍ସ ଆଧାରରେ କାର୍ଯ୍ୟକ୍ରମ ହେଉଥିବାରୁ ଅନେକ ସମୟରେ ଘରୋଇ ହସ୍ପିଟାଲ ଗୁଡ଼ିକ ତାଙ୍କର ଦେୟ ପାଇବା ବିଳମ୍ବ ହେଉଥିବା ଦୃଷ୍ଟିରୁ ହିତାଧିକାରୀ ମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବା ପାଇଁ ମନା କରିଦେଇଥାନ୍ତି । ଅପରପକ୍ଷରେ ବିଏସ୍‌କେୱାଇରେ ସରକାର ନିଜସ୍ୱ ପାଣ୍ଠିରୁ ଦେୟ ପ୍ରଦାନ କରୁଥିବାରୁ ଘରୋଇ ହସ୍ପିଟାଲଗୁଡ଼ିକ ରୋଗୀଙ୍କୁ ଆଡ୍‌ମିଟ୍ କରିବା ପାଇଁ ଦ୍ୱିଧା ପ୍ରକାଶ କରନ୍ତି ନାହିଁ । ମୋଟାମୋଟି କହିବାକୁ ଗଲେ ବିଏସ୍‌କେୱାଇର ବିଶ୍ୱାସନୀୟତା ଆୟୁଷ୍ମାନ ଯୋଜନା ଠାରୁ ଢେର ଅଧିକା ରହିଛି । ରାଜ୍ୟର ପ୍ରାୟ ୯୬.୫ ଲକ୍ଷ ଲୋକ ବିଏସ୍‌କେୱାଇ ମାଧ୍ୟମରେ ମାଗଣା ଚିକିତ୍ସା ସୁବିଧା ପାଇପାରୁଛନ୍ତି ଓ ଏଥିରେ କୌଣସି ବୟସ ସୀମା ନାହିଁ । ଆୟୁଷ୍ମାନ ଯୋଜନାରେ ରାଜ୍ୟର କେତେ ଲୋକଙ୍କୁ ହିତାଧିକାରୀ ତାଲିକାରେ ସାମିଲ କରାଯିବ ସେନେଇ ସନ୍ଦେହ ରହିଛି । ବିଏସ୍‌କେୱାଇରେ କୌଣସି ବୟସ ସୀମା ନଥିବାରୁ ହିତାଧିକାରୀଙ୍କ ପରିବାରରେ ୭୦ ବର୍ଷରୁ ଊର୍ଦ୍ଧ୍ୱ ଥିବା ବ୍ୟକ୍ତିଙ୍କ ସମସ୍ତ ସଦସ୍ୟ ଚିକିତ୍ସା ସୁବିଧା ପାଉଛନ୍ତି । ବିଏସ୍‌କେୱାଇ ଯୋଜନା ପ୍ରଣୟନ ହେବା ପରେ ରାଜ୍ୟର ମୁଣ୍ଡପିଛା ନିଜସ୍ୱ ଚିକିତ୍ସା ଖର୍ଚ୍ଚରେ ଉଲ୍ଲେଖନୀୟ ହ୍ରାସ ଘଟିଛି । ଦଳର ଅନ୍ୟତମ ମୁଖପାତ୍ର ଶ୍ରୀ ତୁମ୍ନନାଥ ପଣ୍ଡା କହିଥିଲେ ଯେ, ଅନ୍ୟ ବିଜେପି ଶାସିତ ରାଜ୍ୟ (ଆୟୁଷ୍ମାନ ଯୋଜନା ଲାଗୁ ହୋଇଥିବା ରାଜ୍ୟ) ମାନଙ୍କ ତୁଳନାରେ ଓଡ଼ିଶାର ଆଉଟ୍ ଅଫ୍ ପକେଟ୍ ଚିକିତ୍ସା ଖର୍ଚ୍ଚ ସବୁଠାରୁ କମ୍ ରହିଛି । ଜାତୀୟ ସ୍ୱାସ୍ଥ୍ୟ ଆକାଉଣ୍ଟସ୍ ଏଷ୍ଟିମେଟ୍ ଫର୍ ଇଣ୍ଡିଆର ରିପୋର୍ଟ ଅନୁଯାୟୀ ଓଡ଼ିଶାର ସ୍ୱାସ୍ଥ୍ୟ ଉପରେ ପରିବାରର ଆଉଟ୍ ଅଫ୍ ପକେଟ୍ ଖର୍ଚ୍ଚ ଯାହା ୨୦୧୫ ମସିହାରେ ୭୧.୫% ଥିଲା, ତାହା ୨୦୨୧-୨୨ ବେଳକୁ ୩୭.୧% କୁ ଖସିଆସିଛି । ଏହି ତଥ୍ୟରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ଯେ ନବୀନ ପଟ୍ଟନାୟକ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଯୋଗୁଁ ସ୍ୱାସ୍ଥ୍ୟ କ୍ଷେତ୍ରରେ, ଓଡ଼ିଶା ଅନେକ ବିଜେପି ଶାସିତ ରାଜ୍ୟମାନଙ୍କ ଠାରୁ ଭଲ ସ୍ଥିତିରେ ରହିଛି । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ବିଏସ୍‌କେୱାଇରୁ ବଞ୍ଚିତ କରି ଆୟୁଷ୍ମାନ ଭାରତ ଯୋଜନାରେ ସେହି ହିତାଧିକାରୀମାନଙ୍କୁ ସାମିଲ କରିବା ରାଜ୍ୟ ସ୍ୱାର୍ଥ ବିରୋଧୀ । ରାଜ୍ୟବାସୀଙ୍କ ପାଇଁ ସଞ୍ଜିବନୀ ସଦୃଶ ରହିଥିବା ବିଏସ୍‌କେୱାଇର ଉପାଦେୟତାକୁ ଦୃଷ୍ଟିରେ ରଖି ୯୬.୫ ଲକ୍ଷ ବିଏସ୍‌କେୱାଇ ହିତାଧିକାରୀ ପରିବାରଙ୍କୁ କିପରି ୩୩ ଲକ୍ଷ ପରିବାର ମଧ୍ୟରେ ସୀମିତ ରଖିବେ ତାହା ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ। ଦଳର ନେତ୍ରୀ ଶ୍ରୀମତୀ ରଞ୍ଜିତା ସାହୁ କହିଥିଲେ ଯେ, ବରଗଡରେ କ୍ରିଟିକାଲ କେୟାର ହସ୍ପିଟାଲ ଅତ୍ୟନ୍ତ ତରବରିଆ ଭାବେ ଉଦ୍‌ଘାଟିତ ହୋଇଛି । ଏଯାବତ୍ ଆବଶ୍ୟକୀୟ ଯନ୍ତ୍ରପାତି ଏବଂ ମାନବ ସମ୍ବଳ ଯଥା ଡାକ୍ତର, ନର୍ସ, ପାରାମେଡିକ୍ ଷ୍ଟାଫ୍ ନିଯୁକ୍ତି ହୋଇନାହାନ୍ତି । କେବଳ ପ୍ରଚାର ଉଦ୍ଦେଶ୍ୟରେ ହସ୍ପିଟାଲ କୋଠାକୁ ଉଦ୍‌ଘାଟନ କରାଯାଇଛି । ଯାହାକି ଲୋକଙ୍କ ସେବାରେ ଲାଗିପାରିବ ନାହିଁ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭିଜନ ଡକ୍ୟୁମେଣ୍ଟ...

ଏହି ୱେବ୍ ପୋର୍ଟାଲ https://vision.odisha.gov.in/ ପ୍ରସ୍ତୁତ କରାଯାଇଛି । ଜନସାଧାରଣ ଏହି ୱେବ ପୋର୍ଟାଲ ସହିତ ହ୍ୱାଟସ୍ ଆପ୍ ଚାଟ୍ ବଟ୍ -+୯୧ ୬୩୭୦୯୫୧୯୨୦ ଏବଂ ଇ-ମେଲ vision@odisha.gov.in ଜରିଆରେ ରାଜ୍ୟ ସରକାରଙ୍କୁ ବୁଧବାର ଠାରୁ ତିନି ସପ୍ତାହ ମଧ୍ୟରେ ପ୍ରସ୍ତାବ ପଠାଇପାରିବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିକଶିତ ଓଡିଶା ଗଠନ ପାଇଁ ଆମେ ଯେଉଁ ଭିଜନ୍ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିବାକୁ ଯାଉଛୁ, ତାହା ଲୋକଙ୍କ ମତାମତ ଆଧାରରେ ହିଁ ପ୍ରସ୍ତୁତ ହେବ । ବିକଶିତ ଓଡିଶାର ରୂପରେଖ ଓଡିଶାର ଲୋକମାନେ ହିଁ ପ୍ରସ୍ତୁତ କରିବେ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହା କେବଳ ଏକ ସରକାରୀ ଦସ୍ତାବିଜ ହେବ ନାହିଁ, ବରଂ ଏହା ଓଡିଶାର ଜନସାଧାରଣଙ୍କ ଦ୍ୱାରା, ଜନସାଧାରଣଙ୍କ ପାଇଁ ପ୍ରସ୍ତୁତ ଏପରି ଏକ ଦସ୍ତାବିଜ ହେବ ଯାହା ଜନସାଧାରଣଙ୍କ ଆକାଂକ୍ଷାର ପ୍ରକୃତ ପ୍ରତିଫଳନ ହେବ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସେ ନିଜେ, ତାଙ୍କର ସହଯୋଗୀ ଦୁଇ ଉପ-ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀଗଣ ମଧ୍ୟ ସମାଜର ସବୁ ବର୍ଗର ଜନସାଧାରଣଙ୍କ ସହ ଆଲୋଚନା ମଧ୍ୟ କରି ସମୃଦ୍ଧ ଓଡିଶା ଗଠନ ପାଇଁ ଲୋକଙ୍କ ବିଚାର ଓ ପ୍ରସ୍ତାବ ଉପରେ ଅନୁଶୀଳନ କରି ଗ୍ରହଣ କରିବେ । ସେ କହିଥିଲେ ଯେ ଆମେ ସମସ୍ତେ ମିଳିମିଶି ଏପରି ଏକ ଓଡିଶା ଗଠନ କରିବୁ, ଯାହା ଅର୍ଥନୈତିକ ଭାବେ ସମୃଦ୍ଧ ହେବ ଏବଂ ସାମାଜିକ ନ୍ୟାୟକୁ ସୁନିଶ୍ଚିତ କରିବ । ମାନବ ବିକାଶ ସୂଚକାଙ୍କରେ ଏକ ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠା ଅର୍ଜନ କରିବ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମ ସରକାରଙ୍କ ପ୍ରତ୍ୟେକ କାର୍ଯ୍ୟକ୍ରମରେ ଲୋକଙ୍କ ଇଚ୍ଛା ପ୍ରତିଫଳିତ ହେଉଛି ଏବଂ ହୋଇଚାଲିବ । ୨୦୩୬ ଓ ୨୦୪୭ର ଓଡିଶା, ଲୋକମାନଙ୍କ ଇଚ୍ଛା ଓ ସ୍ୱପ୍ନର ଏକ ପ୍ରତିଫଳନ ହେବ ବୋଲି ସେ କହିଛନ୍ତି । ଏହି ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତି ପାଇଁ ସମାଜର ବିଶିଷ୍ଟ ନାଗରିକ, ବିଭିନ୍ନ ନାଗରିକ ସଂଗଠନ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ନୀତି ନିର୍ଦ୍ଧାରକ, ପ୍ରବାସୀ ଓଡ଼ିଆ, ଶିଳ୍ପ କ୍ଷେତ୍ରରେ ପ୍ରତିଷ୍ଠିତ ନେତୃବୃନ୍ଦଙ୍କ ସମେତ ସାଧାରଣ ଜନତା ମତାମତ ଦେଇ ପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏଥି ପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ପରିଚାଳନା କମିଟି ଏବଂ ୬ଟି ସଚିବସ୍ତରୀୟ କମିଟି ଗଠନ କରାଯାଇଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୨୦୪୭ ମସିହାରେ ଭାରତ ବର୍ଷ ସ୍ୱାଧୀନତାର ଶହେ ବର୍ଷ ପୂର୍ତ୍ତି ପାଳନ କରିବ । ଏହା ପୂର୍ବରୁ ୨୦୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂର୍ତ୍ତି ପାଳନ କରିବ । ତେଣୁ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ସଙ୍ଗେ ସଙ୍ଗେ ୨୦୪୭ ମସିହାରେ ବିକଶିତ ଭାରତ ଗଠନ ପାଇଁ ଓଡିଶା ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିବ । ପ୍ରଧାନମନ୍ତ୍ରୀଙ୍କ ଦୃଢ ନେତୃତ୍ୱରେ ଭାରତ ବର୍ଷ ବିକଶିତ ଭାରତ ହେବା ଲକ୍ଷ୍ୟରେ ଅଗ୍ରସର ହେଉଛି ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ଦୃଢ ପଦକ୍ଷେପ ସ୍ୱରୂପ ଦେଶ ଆଜି ବିଶ୍ୱର ପଞ୍ଚମ ବୃହତ ଅର୍ଥନୀତି ହୋଇପାରିଛି । ଖୁବ୍‌ଶୀଘ୍ର, ଏହା ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିର ମାନ୍ୟତା ହାସଲ କରିବ । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତ, ବିଶ୍ୱଗୁରୁ ହେବାର ରାସ୍ତାରେ ଦ୍ରୁତ ଗତିରେ ଅଗ୍ରଗତି କରୁଛି ବୋଲି ସେ କହିଥିଲେ । ସେ କହିଥିଲେ ଯେ, ୨୦୩୬ ସୁଦ୍ଧା ଓଡିଶା ଏକ ୫୦୦ ବିଲିଅନ୍ ଡଲାର ଅର୍ଥନୀତିରେ ପରିଣତ ହେବାର ଲକ୍ଷ୍ୟ ରଖାଯାଇଛି । ଏହା ସହିତ ୨୦୪୭ ସୁଦ୍ଧା ଆମେ ୧.୫ ଟ୍ରିଲିଅନ୍ ଅର୍ଥନୀତି ହେବାର ଲକ୍ଷ୍ୟ ମଧ୍ୟ ରଖିଛୁ । ପ୍ରଧାନମନ୍ତ୍ରୀଙ୍କର ହୃଦୟରେ ଓଡିଶା ପ୍ରତି ଏକ ସ୍ୱତନ୍ତ୍ର ସ୍ଥାନ ରହିଛି ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ପ୍ରଧାନମନ୍ତ୍ରୀ ଅନେକ ଥର କହିଛନ୍ତି ଯେ, ବିକଶିତ ଭାରତରେ ଓଡିଶା ଏକ ଅଭିବୃଦ୍ଧି ଇଞ୍ଜିନ ହେବ । ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟର ପରିକଳ୍ପନାରେ ଓଡିଶାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି । ତେଣୁ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଓଡିଶାରେ ବିକାଶର ଗତି ତ୍ୱରାନ୍ୱିତ ହେବ ଏବଂ ଓଡିଶା ସବୁ କ୍ଷେତ୍ରରେ ଅଗ୍ରଗତି କରି ଦେଶର ଏକ ପ୍ରମୁଖ ରାଜ୍ୟ ହେବ, ଏଥିରେ ସନ୍ଦେହ ନାହିଁ ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ଖୁବ୍ ଅଳ୍ପ ଦିନ ମଧ୍ୟରେ ଲୋକଙ୍କ ସରକାର ଭାବେ ସୁନାମ ଅର୍ଜନ କରିଛି । ସାଧାରଣ ଲୋକଙ୍କୁ ଭେଟି, ସେମାନଙ୍କ ସୁଖ ଦୁଃଖ ଶୁଣିବା, ସମାଧାନର ଭରସା ଦେବା, ଆମ ସରକାରଙ୍କ ଆଭିମୁଖ୍ୟର ମୂଳମନ୍ତ୍ର । ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଲୋକମାନେ ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଆମର ଶାସନ ଓ ପ୍ରଶାସନରେ ଏହି ଗଣତାନ୍ତ୍ରିକ ପରମ୍ପରାକୁ ସର୍ବାଧିକ ଗୁରୁତ୍ୱ ଆରୋପ କରାଯାଉଛି । ଏହି ଅବସରରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଚାଲୁଥିବା ଆମ ସରକାର ଲୋକଙ୍କ ସରକାର ଭାବରେ ପରିଚୟ ହାସଲ କରିଛି । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ବିକଶିତ ଭାରତର ରୂପରେଖକୁ ଆମେ ପ୍ରତିଦିନ ଅନୁଭବ କରୁଛୁ । ସେ କହିଥିଲେ ଯେ, ଲୋକଙ୍କ ସରକାର ସମୃଦ୍ଧ ଓଡିଶା ଗଠନ ପାଇଁ ଲୋକଙ୍କୁ ଅଂଶୀଦାର କରି ଆଗକୁ ବଢିବ । ତେଣୁ ସମୃଦ୍ଧ ଓଡିଶା ଗଠନ ପାଇଁ ଯେଉଁ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ ହେବ ସେଥିରେ ସବୁ ବର୍ଗର ଲୋକଙ୍କ ମତାମତ ପ୍ରତିଫଳିତ ହେବ । ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ ଯେ, ନୀତି ଆୟୋଗର ସହଯୋଗରେ ଓଡିଶା ସରକାର ଭିଜନ୍ ଡକ୍ୟୁମେଣ୍ଟ ପ୍ରସ୍ତୁତ କରୁଛନ୍ତି । ଏଥିପାଇଁ ସାଧାରଣ ଲୋକଙ୍କ ଠାରୁ ମତାମତ ସଂଗ୍ରହ କରାଯିବ । ମତାମତକୁ ଅନୁଶୀଳନ କରିବା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଛି । ଉତ୍କୃଷ୍ଟ ମତାମତ ଆଧାରରେ ଏହି ଡକ୍ୟୁମେଣ୍ଟ ପ୍ରସ୍ତୁତ କରାଯିବ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ଆଇନ, ଅବକାରୀ ଏବଂ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ, ମାଇକ୍ରୋ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ଏବଂ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସତ୍ୟବ୍ରତ ସାହୁ ଏବଂ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଓ ଶାସନ ସଚିବମାନେ ଉପସ୍ଥିତ ଥିଲେ ।

## ସରୋଜିନୀ ସାହୁ ପାଇଲେ...

ସୃଜନଶୀଳତାଠାରୁ ଦୂରେଇ ନଯାଆନ୍ତୁ, ଏହା ହିଁ ଏହି ପୁରସ୍କାର ପ୍ରଦାନର ନିହିତ ଉଦ୍ଦେଶ୍ୟ । ତ୍ରି-ସ୍ତରୀୟ ବିଚାର ପ୍ରକ୍ରିୟାରେ 'ପ୍ରାଥମିକ ସୁପାରିସ' ହିଁ ଏହି ମର୍ଯ୍ୟାଦାଜନକ ପୁରସ୍କାରର ମୂଳଦୁଆ । ସୁପାରିସ ଯେତେ ଅଧିକ ପରିମାଣରେ ହେବ, ଏହି ପୁରସ୍କାରର ପରିସର ସେତେ ବ୍ୟାପକ ଓ ସ୍ୱଚ୍ଛ ହେବ । ଓଡ଼ିଆ ଭାଷା-ସାହିତ୍ୟର ସମୂହ ବିକାଶ ଓ ସମୃଦ୍ଧି ପାଇଁ ଆଜିକୁ ଚାରି ଦଶନ୍ଧି ତଳେ ଡ. ବଂଶୀଧର ପଣ୍ଡା ଓ ଇଲା ପଣ୍ଡା 'ଶାରଳା ପୁରସ୍କାର' ପ୍ରବର୍ତ୍ତନ କରିଥିଲେ । ଓଡ଼ିଶାର କଳା-ସାହିତ୍ୟକୁ ଏକ ସମ୍ମାନଜନକ ଉଚ୍ଚତାକୁ ନେବା ପଛରେ ଉଭୟଙ୍କର ସ୍ପଷ୍ଟ ଆଭିମୁଖ୍ୟ ଓ ନିରନ୍ତର ଉଦ୍ୟମ ଆଜି ସଫଳ ହୋଇଛି । ଏହି ଅବସରରେ ମୁଖ୍ୟଅତିଥି ଦେବଦାସ ଛୋଟରାୟ କହିଥିଲେ ଯେ ୨୦୦୦ ମସିହାରେ ମୋର ପିତା ନାଟ୍ୟକାର ଗୋପାଳ ଛୋଟରାୟ ଶାରଳା ପୁରସ୍କାର ପାଇଁ ମନୋନୀତ ହୋଇଥିଲେ ବି ସମ୍ମାନ ଗ୍ରହଣ ପାଇଁ ଆସିପାରି ନଥିଲେ । ଉଦ୍ୟୋକ୍ତା ଇଲା ଓ ବଂଶୀଧର ପଣ୍ଡା ପୁରସ୍କାର ଆଣି ଘରେ ବାପାଙ୍କୁ ପ୍ରଦାନ କରିଥିଲେ । ଏପରି ମହାନତା କ୍ୱଚିତ ପୁରସ୍କାର ପ୍ରବର୍ତ୍ତକଙ୍କଠାରେ ଦେଖିବାକୁ ମିଳେ । ସାହିତ୍ୟ ସଂପର୍କରେ ତାଙ୍କର ମତ ଥିଲା- ପୃଥିବୀର ଅଧିକାଂଶ ଗଳ୍ପପଢୁଥିବା ମଣିଷ ଗଳ୍ପର ବାହାରେ ଥାଆନ୍ତି । କେବଳ ଗାଳ୍ପିକ ହିଁ ଏକମାତ୍ର ଯିଏ ଗଳ୍ପ ରଚନା କରୁକରୁ ନିଜେ ବନିଯାଏ ତା'ର ମୋହରା । ଶାରଳା ପୁରସ୍କାର ପ୍ରାପିକା ଡ. ସରୋଜିନୀ ସାହୁ କହିଥିଲେ ଯେ ଶାରଳା ପୁରସ୍କାର ଘୋଷଣା ପରେ ମୁଁ ଯେମିତ ଯୋଡି ହେଇଗଲି ବାକି ତମାମ୍ ଦୁନିଆ ସହ । ମୋ ଶୈଶବ-କୈଶୋରର ବନ୍ଧୁ ଓ ସଂପର୍କୀୟମାନଙ୍କ ପାଇଁ ମୁଁ ପୁଣି ଥରେ ଜିଇଁ ଉଠିଲା ପରି ମନେହେଲା । ମୁଁ ଯେ ବଞ୍ଚିଛି ଯେ ପ୍ରକାର ହୃଦବୋଧ ହେଲା । ଏ ଏକ ଅଜବ ଜୀବନୀଶକ୍ତି । ଗଭୀର ନିଦ ଭିତରୁ ଯେ ଏକ ଅଦ୍ଭୁତ ଜାଗରଣ । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଲେଖକ ଓ ସାହିତ୍ୟପ୍ରେମୀମାନେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଏଠାରେ ସୂଚନାଯୋଗ୍ୟ ଯେ ବିଶିଷ୍ଟ ଶିଳ୍ପପତି ତଥା ବୈଜ୍ଞାନିକ ଡ. ବଂଶୀଧର ପଣ୍ଡା ଓ ତାଙ୍କର ସହଧର୍ମିଣୀ ଇଲା ପଣ୍ଡାଙ୍କ ଉଦ୍ୟମରେ ପ୍ରତିଷ୍ଠିତ 'ଇମ୍ପାକ୍ଟ' ତରଫରୁ ଶାରଳା ପୁରସ୍କାର, ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ ସହିତ ଏକଲବ୍ୟ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଆସୁଛି ।

# ପୂର୍ବତଟ ରେଳପଥ ପକ୍ଷରୁ ଭୁବନେଶ୍ୱର ଓ ବିଶାଖାପାଟଣା ମଧ୍ୟରେ ଅଣସଂରକ୍ଷିତ ବିଶେଷ ଟ୍ରେନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଯାତ୍ରୀଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଏବଂ ବିଶାଖାପାଟନମ୍ ମଧ୍ୟରେ ଥିବା ବିଭିନ୍ନ ଅଞ୍ଚଳର ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ରେଳ ମନ୍ତ୍ରଣାଳୟ ୨୯ ଅକ୍ଟୋବରରୁ ୧୫ ନଭେମ୍ବର ୨୦୨୪ ପର୍ଯ୍ୟନ୍ତ ଭୁବନେଶ୍ୱର ଏବଂ ବିଶାଖାପାଟନମ୍ ମଧ୍ୟରେ ଅଣସଂରକ୍ଷିତ ଜନସାଧାରଣ ବିଶେଷ ଟ୍ରେନ ଚଳାଇବାକୁ ନିଷ୍ପତ୍ତି ନେଇଛି । ୦୮୫୩୬ ବିଶାଖାପାଟନମ୍-ଭୁବନେଶ୍ୱର ଜନସାଧାରଣ ବିଶେଷ ଟ୍ରେନ ବିଶାଖାପାଟନମ୍ ଠାରୁ ମଧ୍ୟାହ୍ନ ୧୨ ଘଟିକାରେ ଛାଡି ଭିଜିଆନଗରମ୍ ଏବଂ ବ୍ରହ୍ମପୁର ଦେଇ ସନ୍ଧ୍ୟା ୭ଘ.୪୫ ମି.ରେ ଭୁବନେଶ୍ୱରରେ ପହଞ୍ଚିବ । ଫେରିବା ମାର୍ଗରେ ୦୮୫୩୫ ଭୁବନେଶ୍ୱର-ବିଶାଖାପାଟନମ୍ ଜନସାଧାରଣ ବିଶେଷ ଟ୍ରେନ ଭୁବନେଶ୍ୱର ଠାରୁ ରାତ୍ରି ୧୦ଘ.୩୦ମି.ରେ ଛାଡି ସକାଳ ୦୮ଘ.୪୫ମି.ରେ ବିଶାଖାପାଟନମ୍ ଠାରେ ପହଞ୍ଚିବ । ଭୁବନେଶ୍ୱର ଏବଂ ବିଶାଖାପାଟନମ୍ ମଧ୍ୟରେ ଏହି ଜନସାଧାରଣ ବିଶେଷ ଟ୍ରେନ ଖୋର୍ଦ୍ଧା ରୋଡ୍, ବାଲୁଗାଁ, ଛତ୍ରପୁର, ବ୍ରହ୍ମପୁର, ଇଚ୍ଛାପୁରମ୍, ସୋମପେଟା, ପଲାସା, ନୌପଡ଼ା, ଶ୍ରୀକାକୁଲମ୍ ରୋଡ୍, ପୋନ୍ଦୁରୁ, ଚିପୁରୁପାଲ୍ଲୀ, ବିଜୟନଗରମ୍, କୋଟାଭାଲାସା ଏବଂ ଶିହ୍ମାଚଳମ ଷ୍ଟେସନ ମାନଙ୍କ ଠାରେ ରହଣି କରିବ । ଭୁବନେଶ୍ୱର ଏବଂ ବିଶାଖାପାଟନମ୍ ମଧ୍ୟରେ ଏହି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ଏଲଏଚବି ରେକ୍ ସହିତ ଚଳାଚଳ କରିବ ଏବଂ ଏହି ଟ୍ରେନ୍ ଭୁବନେଶ୍ୱର ଏବଂ ବିଶାଖାପାଟନମ୍ ମଧ୍ୟରେ ଥିବା ଅଞ୍ଚଳ ମାନଙ୍କରୁ ଯାତ୍ରୀମାନଙ୍କୁ ସେମାନଙ୍କ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବା ପାଇଁ ସୁବିଧା ପ୍ରଦାନ କରିବ ଯାହାଦ୍ୱାରା ପୂଜା ଭିଡ଼ ସମୟରେ ନିୟମିତ ଟ୍ରେନ ମାନଙ୍କରେ ଉପୁଜୁଥିବା ଯାତ୍ରୀ ଭିଡ଼ ଏଡ଼ାଇବା ପାଇଁ ସେମାନେ ଏହି ଟ୍ରେନ ର ସୁବିଧା ପାଇ ପାରିବେ ।

## ଏମ୍‌କେସିଜି ଦ୍ୱିତୀୟ ବର୍ଷ ଛାତ୍ରଙ୍କୁ ରାଗିଂ ୫ ସିନିୟର ଛାତ୍ରଙ୍କୁ ୬ ମାସ ପାଇଁ ହଷ୍ଟେଲ ଏବଂ କ୍ୟାମ୍ପସରୁ ବିତାଡିତ ନିଷ୍ପତ୍ତି

**ବ୍ରହ୍ମପୁର ,ନ୍ୟୁଜ ବ୍ୟୁରୋ**

ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଦ୍ୱିତୀୟ ବର୍ଷ ଛାତ୍ରଙ୍କୁ ରାଗିଂ ଘଟଣାରେ ବଡ଼ କାର୍ଯ୍ୟାନୁଷ୍ଠାନ । ରାଗିଂରେ ସମ୍ପୃକ୍ତ ୫ ଜଣ ସିନିୟର ଛାତ୍ରଙ୍କୁ ହଷ୍ଟେଲ ଏବଂ କ୍ୟାମ୍ପସରୁ ୬ ମାସ ପାଇଁ ବିତାଡିତ କରାଯିବ । ଆଣ୍ଟି ରାଗିଂ ସେଲ୍ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଥିବା କହିଲେ କଲେଜ ଅଧ୍ୟକ୍ଷ ପ୍ରଫେସର ଡାକ୍ତର ସୁଚିତ୍ରା ଦାସ ।

୫ ଜଣ ସିନିୟର ଛାତ୍ରଙ୍କ ବିରୁଦ୍ଧରେ ପୋଲିସ ଥାନାରେ ହେବ ମାମଲା । ଗଣମାଧ୍ୟମକୁ ସୂଚନା ଦେଲେ ବ୍ରହ୍ମପୁର ଏସପି ଆଉ ଏକ ରାଗିଂ ନେଇ ଏନଏମସିରେ ଅଭିଯୋଗ ହୋଇଥିବା ନେଇ କଲେଜ ଅଧ୍ୟକ୍ଷ ସୂଚନା ଦେଇଛନ୍ତି ।

ଓଡିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ:(୦୬୭୪)୨୩୯୩୫୨୪,
ଏପିବିଏକ୍ସ:(୦୬୭୪)୨୩୯୧୫୪୨,୨୩୯୦୧୪୧
ଫାକ୍ସ:(୦୬୭୪)୨୩୯୩୯୫୨, ୱେବ ସାଇଟ: https://oshb.org
CAD-1496

ବିଜ୍ଞାପନ

ପତ୍ର ସଂଖ୍ୟା: ୧୯୫ ତା:୨୯.୧୦.୨୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଅଛି କି ଘର ନଂ-ଏଲ.ଆଇ.ଜି-୨୫୮(LIG-258), ବରମୁଣ୍ଡା, ଫେଜ-୧, ହାଉସିଂ ସ୍କିମ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ଗଗନ ବିହାରୀ ମହାନ୍ତି, ପିତା-ରସିକ ଚରଣ ମହାନ୍ତି, ଗ୍ରା/ପୋ-ବଡ଼ଗାଁ, ଥାନା/ଜିଲ୍ଲା-କେନ୍ଦ୍ରାପଡାକୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଉକ୍ତ ଆବଣ୍ଟନ ଗ୍ରହୀତା ଶ୍ରୀ ଗଗନ ବିହାରୀ ମହାନ୍ତି ଉକ୍ତ ଗୃହଟିକୁ ଦାନସୂତ୍ର ଆଧାରରେ ଶ୍ରୀ ସଞ୍ଜୟ ମହାନ୍ତି, ପିତା-ଗଗନ ବିହାରୀ ମହାନ୍ତି, ଏଲ.ଆଇ.ଜି-୨୫୮(LIG-258),ବରମୁଣ୍ଡା ହାଉସିଂ ବୋର୍ଡ଼ କଲୋନୀ, ଫେଜ-୧, ଭୁବନେଶ୍ୱର, ପୋ-ବରମୁଣ୍ଡା, ଥାନା-ଭରତପୁର, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବାପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

ସ୍ୱା-ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0319/2425

mail- eeboudhrb@gmail.com
OFFICE OF THE SUPERINTENDING ENGINEER
BOUDH (R & B) DIVISION, BOUDH
INVITION FOR BIDS (IFB)
B-546
No. 3898 Date. 25.10.2024
Cancellation of tender call Notice no, SE BDH-06/2024-25 dated 30.09.2024

The tender invited vide Bid Identification No. SE BDH-06/2024-25 dated 30.09.2024 for the work Provision of S.I.T.C of 30 KVA D.G set at CHC Kantamal, Boudh District is hereby canceled due to single tender for the first time.

Sd/- Additional Chief Engineer,
Boudh (R&B) Division. Boudh
OIPR-34134/11/0009/2425

GOVERNMENT OF ODISHA,
PANCHAYATIRAJ & D.W. DEPARTMENT
OFFICE OF THE PANCHAYAT SAMITI,
BIRIDI, JAGATSINGHPUR
E-mail - ori-biridi@nic.in
i-268
"e" Procurement Notice No.BDO-BIRIDI-PS-01/2024-25

| | | | |
|---|---|---|---|
| 1 | Total No. of Work | : | 01 (one) No. |
| 2 | Tender Cost (Approx.) | : | Rs.12.36 Lakh |
| 3 | Tender paper Cost | : | Rs.6,000/- (On-line payment) (Non-refundable) |
| 4 | Bid Security | : | 1% of BID value (On-line payment) |
| 5 | Class of Contractor | : | 'D' & 'C' Class Contractor |

6. Other details are as follows.

| Procurement Officer | Bid Identification No. | Availability of Tender | | Date & Time of opening of BID | Place of opening of Bid |
|---|---|---|---|---|---|
| | | From | To | | |
| BLOCK DEVELOPMENT OFFICER, BIRIDI | BDO-BIRIDI-PS-01 / 2024-25 | 1.11.2024 at 10.00 Hours | 11.11.2024 at 17.30Hours | 12.11.2024 upto 11.00 AM during office hours | O/o the Panchayat Samiti, Biridi |

Further details can be seen from the Govt. web site "https://tendersodisha.gov.in"
Sd/- BLOCK DEVELOPMENT OFFICER
BIRIDI
OIPR-19221/11/0001/2425

Email ID-cuttackrw2nd@yahoo.co.in
Telephone / Fax No. (0671)-2445119
GOVERNMENT OF ODISHA
O-504
O/O THE SUPERINTENDING ENGINEER, RURAL WORKS DIVISION-II, CUTTACK
e-procurement Notice for BUILDING WORKS
Bid Identification No. SECTC-II- 09 of 2024-25 dt. 21.10.2024

1. Number of the work :- 34 (Thirty Four) numbers of Buildings for the year 2024-2025
2. Estimated Cost. (Approx) :- Rs. 1.68 lakh to Rs. 20.00 lakh
3. Period of completion :- 01 (One) to 06 (Six) calendar months
4. Date & time of sale & receipt of bid document online :- From:-11.11.2024 at 11:00AM To: 26.11.2024 at 4:00PM
5. Date & time of opening of Technicalbid :- 27.11.2024 at 11:30AM
6. Name and address of Inviting Officer Superintending Engineer, R. W. Division-II, Cuttack, Nayabazar, Cuttack-753004

Further details can be seen from the State Govt. portal https://tendersorissa.gov.in
OIPR-25095/11/0009/2425
Sd/- Superintending Engineer
R.W. Division-II, Cuttack

